


# ନିବେଶିତ ରୁହନ୍ତୁ, ଅଧିକ ସଞ୍ଚୟ କରନ୍ତୁ

**ଗୋବିନ୍ଦରାଜ ଏଥିରାଜ**

୨୩ ଜାନୁୟାରୀ, ୨୦୨୦ ଦିନ ବିଏସ୍ଇ ସେନସେକ୍ସ ଏହାର ସର୍ବକାଳୀନ ଉଚ୍ଚ ସ୍ତର ୪୧,୩୮୬ରେ ରହିଥିଲା।

୨୩ ମାର୍ଚ୍ଚ, ୨୦୨୦ରେ, ସାରା ବିଶ୍ୱ କରୋନା ଭାଇରସ୍‌ର କରାଳ ରୂପ ଦ୍ୱାରା ପ୍ରଭାବିତ ହେବା ସହ ସେନସେକ୍ସ ୨୫,୯୮୧କୁ ଖସିଆସିଲା।

ଏବଂ ୨୬ ଜୁନ୍‌ରେ ସାରା ଭାରତରେ ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଥିବା ବେଳେ, ସେନସେକ୍ସ ପୁଣି ୩୫,୧୭୧କୁ ଫେରିଆସିଥିଲା !

ଏହା ଏକ ସୁଯୋଗ ଥିଲା, କିନ୍ତୁ ଅଭିଜ୍ଞରୁ ଅଭିଜ୍ଞ ନିବେଶକମାନେ ମଧ୍ୟ ଏହି ସୁଯୋଗକୁ ହାତେଇବାରେ ସକ୍ଷମ ହୋଇ ନ ଥିଲେ । ବଜାରର ଚଳପ୍ରଚଳ ଏତେ ଆକସ୍ମିକ ଥିଲା ଯେ ହାତଗଣତି କେତେଜଣ ହିଁ ସମୟୋଚିତ ନିଷ୍ପତ୍ତି ନେଇପାରିଥିଲେ। କିମ୍ବଦନ୍ତୀ ନିବେଶକ ମାର୍କ ମୋବିୟସ୍ ଗତ ସପ୍ତାହରେ ମୋତେ କହିଥିଲେ ଯେ ସୌଭାଗ୍ୟବଶତଃ ତାଙ୍କ ନିକଟରେ ନଗଦ ଥିଲା ଓ ସେ ନିମ୍ନଗାମୀ ଷ୍ଟକ୍‌ଗୁଡ଼ିକୁ ଶସ୍ତାରେ କିଣିପାରିଥିଲେ । ସେଇଥିପାଇଁ ତ ସେ ଜଣେ କିମ୍ବଦନ୍ତୀ। କିନ୍ତୁ ଆମମାନଙ୍କ ମଧ୍ୟରୁ ଅଧିକାଂଶ ନା ମୋବିୟସ୍ ନା ନଗଦର ମାଲିକ !



ରେଟିଂ ଏଜେନ୍ସି କ୍ରିସିଲ୍ ଏହାକୁ ଭାରତର ଚତୁର୍ଥ ଏବଂ ସ୍ୱାଧୀନତା ପରବର୍ତ୍ତୀ ସବୁଠାରୁ ଖରାପ ମାନ୍ଦାବସ୍ଥାର ଆଖ୍ୟା ଦେଇ କହିଥିଲା ଯେ ଏବର୍ଷ ଆମେ ସ୍ଥାୟୀ ଭାବେ ଆମର ୧୦% ସର୍ବମୋଟ ଘରୋଇ ଉତ୍ପାଦ (ଜିଡିପି) ହରାଇପାରୁ। କାରଣ ୨୦୨୦-୨୧ ପାଇଁ ଅର୍ଥନୈତିକ ବିକାଶ ବିଯୁକ୍ତାତ୍ମକ ୫% ରହିବାର ପୂର୍ବାନୁମାନ କରାଯାଉଛି।

ଇଣ୍ଟରନ୍ୟାଶନାଲ ମନିଟାରି ଫଣ୍ଡ ବା ଆଇଏମ୍ଏଫ୍‌ର ପୂର୍ବାନୁମାନ ଅନୁଯାୟୀ ବର୍ଦ୍ଧିତ ଲକ୍‌ଡାଉନ୍ ଓ ଅର୍ଥନୈତିକ ଗତିବିଧିର ମନ୍ଥର ସୁଧାର କାରଣରୁ ଭାରତର ଅର୍ଥନୀତି ୪.୫% ସଙ୍କୁଚିତ ହୋଇପାରେ।

**ସାରମର୍ମ:** ଯାହାକୁ ପଚାରନ୍ତୁ ନା କାହିଁକି, ମୋଟାମୋଟି ଆର୍ଥିକ ପରିଦୃଶ୍ୟ ଦୁର୍ବଳ ବୋଲି ଉତ୍ତର ପାଇବେ। ଏବଂ ଏହା ପୁଣି ଆପଣଙ୍କ ସଞ୍ଚୟ ଓ ନିବେଶକୁ ପ୍ରଭାବିତ କରିବ। ତେଣୁ ପ୍ରଥମେ ବୁଝିରଖିବାକୁ ହେବ ଯେ ନିବେଶିତ ରହିବା ଦ୍ୱାରା ଆପଣ ଅସ୍ଥିର ବଜାର ଚକ୍ରକୁ ପାର୍ କରିପାରିବେ ଏବଂ ଆପଣ ଇକ୍ୱିଟି ଦ୍ୱାରା ପ୍ରକୃତରେ ସୁରକ୍ଷିତ ରହିପାରିବେ।

ଆଉ ଏକ ସକାରାତ୍ମକ ଦୃଷ୍ଟିକୋଣ ହେଉଛି, ଯଦିଓ ଏହି ଅନିର୍ଦ୍ଦିଷ୍ଟ ପରିବେଶରେ ଅସମ୍ଭବ ନ ହୋଇଥିଲେ ବି ଆୟକୁ ବଜାୟ ରଖିବା କଷ୍ଟକର, କିନ୍ତୁ ଆପଣଙ୍କ ଖର୍ଚ୍ଚ ମଧ୍ୟ କମିଯାଇଥାଇପାରେ।

ମାନୁଛି ଯେ ଅନେକଙ୍କ ପାଇଁ ଆୟର ପରିଦୃଶ୍ୟ ଅନ୍ଧକାରମୟ ଅଟେ। ଆପଣଙ୍କ କର୍ମଜୀବନରେ ଅନେକ ପରିବର୍ତ୍ତନ ଆସିବ। ଆପଣମାନଙ୍କ ମଧ୍ୟରୁ ଅନେକେ ଘରେ ବସି କାମ କରିବେ। ଆପଣଙ୍କୁ ଆହୁରି ବର୍ଦ୍ଧିତ ଅନିର୍ଦ୍ଦିଷ୍ଟତା ଅବଧି ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ହେବ। ହୁଏତ ଏହା ନୂଆ 'ସ୍ୱାଭାବିକ' ହୋଇଯାଇପାରେ। ଜଣେ ଖ୍ୟାତନାମା ଆମେରିକୀୟ ଲେଟ୍ ନାଇଟ୍ ଶୋ' ହୋଷ୍ଟଙ୍କ ଭାଷାରେ ''ଏହା ନୂଆ ନୁହେଁ କି ସ୍ୱାଭାବିକ ନୁହେଁ''।

ସ୍ୱାଭାବିକ ସମୟରେ, ଆର୍ଥିକ ଉପଦେଷ୍ଟାମାନେ ଆପଣଙ୍କୁ ନିଜର ଛଅ ମାସର ଖର୍ଚ୍ଚକୁ ଜରୁରିକାଳୀନ ପାଣ୍ଠିରେ ସଞ୍ଚୟ କରିବାକୁ କହୁଥିଲେ। ହେଲେ, ପ୍ରଚଳିତ ବିପତ୍ତି ଆମକୁ ଦେଖାଇଛି ଯେ ଆମକୁ କମ୍ ଖର୍ଚ୍ଚ କରି ଛଅ ମାସରୁ ଅଧିକ ସମୟ ପାଇଁ ସଞ୍ଚୟ କରିବାକୁ ହେବ। କିନ୍ତୁ ଆପଣଙ୍କୁ ଏହା ନିଜର ଅବସରକାଳୀନ କିମ୍ବା ଆପଣଙ୍କ ସନ୍ତାନର ବୃତ୍ତିଗତ ଶିକ୍ଷା ଲାଗି ଉଦ୍ଦିଷ୍ଟ ଦୀର୍ଘମିଆଦୀ ନିବେଶକୁ କ୍ଷତି ନ ପହଞ୍ଚାଇ କରିବାକୁ ହେବ।

ଏହି ସଂସ୍କରଣ ଓ ଭବିଷ୍ୟତରେ ୟୁଟିଆଇ ସ୍ୱତନ୍ତ୍ର ଆଲେଖ୍ୟରେ ଆମେ ଆପଣଙ୍କୁ ଏ ବିଷୟରେ ସବୁକିଛି ବ୍ୟାଖ୍ୟା କରିବୁ। ଏକ ଉତ୍ତମ ଆର୍ଥିକ ଭବିଷ୍ୟତ ପାଇଁ ଆପଣଙ୍କ ପ୍ରୟାସରେ ସହଯୋଗ ଯୋଗାଇ ଆମେ ଆନନ୍ଦିତ।

# ଇକ୍ୱିଟି ସହିତ ଗଢ଼ନ୍ତୁ ଏକ ବିଜେତା ନିବେଶ ପୋର୍ଟଫୋଲିଓ



**ଆମେରିକୀୟ ନିବେଶକ ପିଟର ଲିଞ୍ଚ୍ ଥରେ କହିଥିଲେ ଯେ, ଷ୍ଟକ୍‌ରୁ ଲାଭାନ୍ୱିତ ହେବାକୁ ଚାହୁଁଥିବା କିନ୍ତୁ ଗବେଷଣା କରିବାକୁ ଚାହୁଁ ନ ଥିବା କିମ୍ବା କରିପାରୁ ନ ଥିବା ନିବେଶକଙ୍କ ପାଇଁ ଇକ୍ୱିଟି ସର୍ବୋପଯୁକ୍ତ ଅଟେ। ହେଲେ, ଇକ୍ୱିଟି ଫଣ୍ଡ ନିବେଶର ଲାଭ କେବଳ ସେତିକିରେ ସୀମିତ ନୁହେଁ। ନିଜ ପୋର୍ଟଫୋଲିଓରେ ଆପଣ ଏହିସବୁ ଫଣ୍ଡ କାହିଁକି ରଖିବା ଜରୁରୀ ଆସନ୍ତୁ ଜାଣିବା।**

### ଆପଣଙ୍କ ଟଙ୍କାର ପରିଚାଳନା ଜଣେ ବିଶେଷଜ୍ଞ କରିଥାନ୍ତି

ଇକ୍ୱିଟି ଫଣ୍ଡଗୁଡ଼ିକ କେବଳ ଯେ ଆପଣଙ୍କ ଗବେଷଣା ସମୟ ନୁହେଁ, ଏହା ଷ୍ଟକ୍ ଉପରେ ନଜର ରଖିବା ପାଇଁ ଲାଗୁଥିବା ସମୟକୁ ମଧ୍ୟ ବଞ୍ଚାଇଥାଏ। ଆପଣଙ୍କ ଟଙ୍କାକୁ ସର୍ବୋପଯୁକ୍ତ ଢଙ୍ଗରେ ସମବଣ୍ଟନ କରିବା ପାଇଁ ବିଶେଷଜ୍ଞମାନେ ସେମାନଙ୍କ ବିଶେଷଜ୍ଞତାକୁ କାମରେ ଲଗାଇଥାନ୍ତି।

### ଆପଣ ମାତ୍ର ₹୫୦୦ ସହିତ ନିବେଶ କରିପାରିବେ

ଇକ୍ୱିଟି ଫଣ୍ଡ ଆପଣଙ୍କୁ ₹୫୦୦ ଭଳି ସ୍ୱଳ୍ପ ଅର୍ଥରାଶି ସହିତ ନିବେଶ କରିବାକୁ ଅନୁମତି ଦେଇଥାଏ, ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍ଆଇପି)କୁ ଧନ୍ୟବାଦ। ଏହାଦ୍ୱାରା ଆପଣ ଛୋଟ ନିବେଶ ସହିତ ମଧ୍ୟ ଏହି ଆସେଟ୍ କ୍ଲାସ୍‌ର ସାମର୍ଥ୍ୟରୁ ଲାଭାନ୍ୱିତ ହୋଇପାରିବେ।

### ଏହା ଆପଣଙ୍କୁ ମୁଦ୍ରାସ୍ଫୀତିକୁ ପରାଜିତ କରିବାରେ ସାହାଯ୍ୟ କରେ

ଇକ୍ୱିଟି ସହିତ, ଦୀର୍ଘମିଆଦୀ ନିବେଶର ଏକ ଲାଭ ହେଉଛି ମୁଦ୍ରାସ୍ଫୀତିକୁ ପରାଜିତ କରୁଥିବା ଉଚ୍ଚ ରିଟର୍ନ ଆୟ କରିବାର ସମ୍ଭାବନା

### ଆପଣ ଜିଇପାରିବେ ନିଜ ସ୍ୱପ୍ନର ଜୀବନ

ଆପଣ ଚାହୁଁଥିବା ସୁନ୍ଦର ପେଣ୍ଟହାଉସ୍ ହେଉ କି ଆପଣ ସ୍ୱପ୍ନ ଦେଖୁଥିବା ହସମଜାରେ ପରିପୂର୍ଣ୍ଣ ଅନ୍ତର୍ଜାତୀୟ ଟୁର୍ ହେଉ, ଇକ୍ୱିଟି ଫଣ୍ଡରେ ଦୀର୍ଘମିଆଦୀ ନିବେଶ ଏସବୁ ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିପାରିବ। ଏହାର କାରଣ ହେଉଛି ଅର୍ଥନୀତିରେ ମୁଦ୍ରାସ୍ଫୀତି ହାରଠାରୁ ଅପେକ୍ଷାକୃତ ଅଧିକ ରିଟର୍ନ ଯୋଗାଇବାର ଏହାର ସାମର୍ଥ୍ୟ।

### ଆପଣ ଟିକସରେ ବାର୍ଷିକ ₹୪୬,୮୦୦ ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ

ଇକ୍ୱିଟି ଲିଙ୍କ୍‌ଡ ସେଭିଂସ୍ ସ୍କିମ୍ (ଇଏଲ୍ଏସ୍ଏସ୍) ହେଉଛି ଏକ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ଯାହା ଆପଣଙ୍କୁ ବାର୍ଷିକ ₹୧.୫ ଲକ୍ଷ ପର୍ଯ୍ୟନ୍ତ ନିବେଶ ଉପରେ ଟିକସ ସଞ୍ଚୟ କରିବାକୁ ଅନୁମତି ଦେଇଥାଏ। ଯଦି ଆପଣ ସର୍ବୋଚ୍ଚ ଟିକସ ସ୍ଲାବ୍ ଅଧୀନରେ ଆସୁଥାନ୍ତି, ତେବେ ଆପଣ ଟିକସରେ ₹୪୬,୮୦୦ ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ।

### ଆପଣ ଏକ ବିବିଧକୃତ ଇକ୍ୱିଟି ଫଣ୍ଡ ପୋର୍ଟଫୋଲିଓର ମାଲିକ ହୋଇପାରିବେ

ଯଦିଓ ଇକ୍ୱିଟି ଗୋଟିଏ ଆସେଟ୍ କ୍ଲାସ୍, କିନ୍ତୁ ଆପଣ ବିଭିନ୍ନ ମାର୍କେଟ୍ କ୍ୟାପିଟାଲାଇଜେଶନ୍‌ର ଏକାଧିକ ଷ୍ଟକ୍‌ରେ ନିବେଶ କରି ଏକ ସୁ-ବିବିଧକୃତ ପୋର୍ଟଫୋଲିଓର ମାଲିକ ହୋଇପାରିବେ।

### ଇକ୍ୱିଟି ଓ ଅସ୍ଥିରତା

ଆର୍ଥିକ ବଜାରରେ ଅସ୍ଥିରତା ନୂଆ ସ୍ୱାଭାବିକ ଅବସ୍ଥାରେ ପରିଣତ ହୋଇଯାଇଛି। ସଫଳତାର ଚାବିକାଠି ହେଉଛି ଶାନ୍ତ ରହିବା ଏବଂ ଦୀର୍ଘମିଆଦୀ ନିବେଶ ଯୋଜନା କରିବା। ଦୀର୍ଘମିଆଦୀ ଚିନ୍ତା କରିବା ଦ୍ୱାରା ଆପଣ ଦୁଇଟି ଉପାୟରେ ଲାଭାନ୍ୱିତ ହୋଇପାରିବେ:

### ଟଙ୍କା ମୂଲ୍ୟ ହାରାହାରୀକରଣ

ଦୀର୍ଘମିଆଦୀ ଏସ୍ଆଇପି ମୂଲ୍ୟ-ହାରାହାରୀକରଣରେ ସହାୟତା କରିଥାଏ। ଯଦି ଆପଣ ଛୋଟ ଛୋଟ ଏସ୍ଆଇପି ମାଧ୍ୟମରେ ଇକ୍ୱିଟି ଫଣ୍ଡରେ ନିବେଶ କରନ୍ତି, ତେବେ ବଜାର ତଳକୁ ଖସିବା ଏକ ସୁଯୋଗରେ ପରିଣତ ହୋଇଯାଏ। ଫଣ୍ଡ ମ୍ୟାନେଜର କମ୍ ମୂଲ୍ୟରେ ଅଧିକ ୟୁନିଟ୍ କିଣିପାରିବେ। ମୂଲ୍ୟ ଅଧିକ ରହିଥିବାବେଳେ ସେମାନେ କମ୍ ୟୁନିଟ୍ କିଣିବେ। ଏହିଭଳି ଭାବେ, ସମୟ ସହିତ ଆପଣଙ୍କ ନିବେଶ ମୂଲ୍ୟର ହାରାହାରୀକରଣ ହୋଇଯାଏ । ଟଙ୍କା ମୂଲ୍ୟ ହାରାହାରୀକରଣ ସମ୍ପର୍କରେ ଅଧିକ ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ।

### ଚକ୍ରବୃଦ୍ଧିର ଶକ୍ତି

ଚକ୍ରବୃଦ୍ଧି ବା କମ୍ପାଉଣ୍ଡିଂର କୁହୁକ ଶକ୍ତି ସମୟ ସହିତ ଛୋଟ ଅର୍ଥରାଶିକୁ ଏକ ବଡ଼ ପାଣ୍ଠିରେ ରୂପାନ୍ତରିତ କରିଦେଇଥାଏ। ଏହାକୁ ଏହାର ଯାଦୁ ଦେଖାଇବା ପାଇଁ, ଆପଣଙ୍କୁ ସଅଳ ନିବେଶ କରିବା ଏବଂ ନିବେଶରେ ନିୟମିତତା ବଜାୟ ରଖିବା ଜରୁରୀ ହୋଇଥାଏ। ଯଦି ଅସ୍ଥାୟୀ ମାନ୍ଦାବସ୍ଥା କାରଣରୁ ଆପଣ ଇକ୍ୱିଟିରେ ନିବେଶ ନ କରନ୍ତି କିମ୍ବା ଆପଣ ତାହାକୁ ମୁକୁଳାଇଦିଅନ୍ତି ତେବେ ଆପଣ ଦୀର୍ଘମିଆଦରେ ନିଜର ଧନ ଗଢ଼ିବାର ସୁଯୋଗ ହରାନ୍ତି। ଚକ୍ରବୃଦ୍ଧିର ଶକ୍ତି କିପରି କାମ କରିଥାଏ ଏହା ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

ରେକର୍ଡ ପାଇଁ, ଅତୀତର କେତେକ ବିପତ୍ତି ସମୟରେ ଇକ୍ୱିଟିର ପ୍ରଦର୍ଶନ କିପରି ରହିଥିଲା ତାହା ନିମ୍ନପ୍ରଦତ୍ତ ସାରଣୀରେ ଦିଆଯାଇଛି:

| | ଆରମ୍ଭ/ ଶେଷ | ଏସ୍ଆଣ୍ଡପି ବିଏସ୍ଇ ସେନସେକ୍ସ ସ୍ତର | କେତେଦିନ ରହିଥିଲା | ପତନ (%) | ମୁକୁଳିବା ପାଇଁ ଲାଗିଥିବା ଅବଧି (ଦିନ) | ନିମ୍ନତମ ସ୍ତରରୁ ଫରୱାର୍ଡ ରିଟର୍ନଂ: ୧ ବର୍ଷ | ନିମ୍ନତମ ସ୍ତରରୁ ଫରୱାର୍ଡ ରିଟର୍ନଂ: ୩ ବର୍ଷ |
|---|---|---|---|---|---|---|---|
| ବିଶ୍ୱ ଆର୍ଥିକ ସଙ୍କଟ (ଜିଏଫ୍‌ସି) | ୦୯-ଜାନୁୟାରୀ-୦୮ | ୨୦,୮୭୦ | ୨୯୨ | -୫୯% | ୭୩୮ | ୯୨% | ୨୭% |
| | ୨୭-ଅକ୍ଟୋବର-୦୮ | ୮,୫୧୦ | | | | | |
| ୟୁରୋ-ଜୋନ୍ ଋଣ ସଙ୍କଟ | ୦୩-ଜାନୁୟାରୀ-୧୧ | ୨୦,୫୬୧ | ୩୫୧ | -୨୬% | ୬୩୯ | ୨୮% | ୨୨% |
| | ୨୦-ଡିସେମ୍ବର-୧୧ | ୧୫,୧୭୫ | | | | | |
| ଚାଇନାରେ ମାନ୍ଦାବସ୍ଥା | ୨୯-ଜାନୁୟାରୀ-୧୫ | ୨୯,୬୮୨ | ୩୯୬ | -୨୩% | ୩୮୨ | ୨୫% | ୧୬% |
| | ୨୯-ଫେବୃୟାରୀ-୧୬ | ୨୩,୦୦୨ | | | | | |
| ବିମୁଦ୍ରୀକରଣ | ୦୮-ନଭେମ୍ବର-୧୬ | ୨୭,୫୯୧ | ୪୮ | -୬% | ୩୦ | ୩୨% | ୧୭% |
| | ୨୬-ଡିସେମ୍ବର-୧୬ | ୨୫,୮୦୭ | | | | | |
| ଏନ୍‌ବିଏଫ୍‌ସି ସଙ୍କଟ | ୨୮-ଅଗଷ୍ଟ-୧୮ | ୩୮,୮୯୭ | ୫୯ | -୧୪% | ୧୫୭ | ୧୭% | ପ୍ରଯୁଜ୍ୟ ନୁହେଁ |
| | ୨୬-ଅକ୍ଟୋବର-୧୮ | ୩୩,୩୪୯ | | | | | |
| କୋଭିଡ୍-୧୯ | ୧୨-ଫେବୃୟାରୀ-୨୦ | ୪୧,୫୬୬ | - | -୨୯%* | ପ୍ରଯୁଜ୍ୟ ନୁହେଁ | ପ୍ରଯୁଜ୍ୟ ନୁହେଁ | ପ୍ରଯୁଜ୍ୟ ନୁହେଁ |
| | - | | | | | | |

ତଥ୍ୟ ଉତ୍ସ: ଏମ୍ଏଫ୍‌ଆଇ ଏକ୍ସପ୍ଲୋରର୍। *ମାର୍ଚ୍ଚ ୩୧, ୨୦୨୦ ସୁଦ୍ଧା, #ସିଏଜିଆର୍ – କମ୍ପାଉଣ୍ଡେଡ୍ ବାର୍ଷିକ ଅଭିବୃଦ୍ଧି ହାର

**ପ୍ରମୁଖ ଶିକ୍ଷା**

1. ଇକ୍ୱିଟିଗୁଡ଼ିକ ଅସ୍ଥିର ହୋଇଥାଏ କିନ୍ତୁ ସମୟ ସହିତ ଏଗୁଡ଼ିକ ଉତ୍ତମ ପ୍ରଦର୍ଶନ ଦେଇଥାଏ ।
2. ଇକ୍ୱିଟିର ସଙ୍କଟ ସମୟର ମୁକାବିଲା କରିବା ଓ ତାହାକୁ ପରାଜିତ କରିବାର ସାମର୍ଥ୍ୟ ରହିଥାଏ।
3. ବଜାରରେ ଅସ୍ଥିରତା ଦେଖାଯିବା ସତ୍ତ୍ୱେ ଏସ୍ଆଇପିକୁ ଜାରି ରଖାଯିବା ଆବଶ୍ୟକ।

ଏହି ବିଷୟବସ୍ତୁ ବିଶେଷ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ ।

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantrateam@gmail.com ରେ ■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

**ଏହାପରେ କ'ଣ: ବିବିଧକରଣ ହେଉଛି ଇକ୍ୱିଟି ଫଣ୍ଡରେ ନିବେଶ କରିବାର ଅନ୍ୟତମ ଲାଭ। ଆସନ୍ତୁ ବୁଝିବା କେମିତି:**

## ସ୍ୱତନ୍ତ୍ର କୁମାର ବୁଝାନ୍ତି

# ମଲ୍ଟି-କ୍ୟାପ୍ ଫଣ୍ଡ୍ସ - ଯଦି ଅନେକ ମିଳୁଛି ତେବେ ଏକରେ କାହିଁକି ସନ୍ତୁଷ୍ଟ ହେବେ



ଷ୍ଟୋର୍‌ରେ ଆପଣ ବିଭିନ୍ନ ଗୁଣଧର୍ମ ଭିତ୍ତିରେ ଉତ୍ପାଦଗୁଡ଼ିକୁ ବାଛିଥାନ୍ତି – ମୂଲ୍ୟ, ବ୍ରାଣ୍ଡ, ଲାଭ ଇତ୍ୟାଦି। ସେହିଭଳି, ଆପଣ ବାଛୁଥିବା ନିବେଶଗୁଡ଼ିକ ମଧ୍ୟ ବିଭିନ୍ନ ଦୃଷ୍ଟିରୁ ବର୍ଗୀକୃତ ହୋଇଥାଏ, ମାର୍କେଟ୍ କ୍ୟାପିଟାଲାଇଜେଶନ୍ ହେଉଛି ତାହା ମଧ୍ୟରୁ ଅନ୍ୟତମ।



### ମାର୍କେଟ୍ କ୍ୟାପିଟାଲାଇଜେଶନ୍ କ'ଣ ?

ସରଳ ଭାଷାରେ, ମାର୍କେଟ୍ କ୍ୟାପିଟାଲାଇଜେଶନ୍ ହେଉଛି ଏକ କମ୍ପାନୀର ମୂଲ୍ୟାଙ୍କ ଯାହାକୁ ଏହାର ବକେୟା ଶେୟାର୍ ସଂଖ୍ୟା ସହିତ ପ୍ରତ୍ୟେକ ଶେୟାର୍‌ର ମୂଲ୍ୟକୁ ଗୁଣନ କରି ହିସାବ କରାଯାଇଥାଏ ।

### ମାର୍କେଟ୍ କ୍ୟାପ୍ କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ବୋଲି ମନରେ ପ୍ରଶ୍ନ ଉଠୁଛି କି ?

ସାଧାରଣତଃ, ଉଚ୍ଚତର କମ୍ପାନୀ ମୂଲ୍ୟାଙ୍କ ସହିତ ସ୍ୱଳ୍ପତର ରିସ୍କ ଓ ସ୍ଥିର ରିଟର୍ନ ଜଡ଼ିତ ହୋଇଥାଏ । ଏହାଫଳରେ ଆପଣ ନିଜ ନିବେଶର ସାମର୍ଥ୍ୟ ସମ୍ପର୍କରେ ଏକ ଧାରଣ ପାଇପାରିଥାନ୍ତି ।

ସେବି ଅନୁଯାୟୀ, ମୂଳପୁଞ୍ଜି ଭିତ୍ତିରେ ଭାରତର ସର୍ବୋଚ୍ଚ ୧୦୦ ଗୋଟି କମ୍ପାନୀ ଲାର୍ଜ-କ୍ୟାପ୍ କମ୍ପାନୀରେ ପରିଣତ ହୁଅନ୍ତି। ୧୦୧ରୁ ୨୫୦ ମଧ୍ୟରେ ଥିବା କମ୍ପାନୀଗୁଡ଼ିକ ମିଡ୍-କ୍ୟାପ୍ କମ୍ପାନୀ ଭାବେ ପରିଚିତ ହୋଇଥାନ୍ତି, ଏବଂ ୨୫୦ ପରେ ଆସୁଥିବା କମ୍ପାନୀଗୁଡ଼ିକୁ ସ୍ମଲ୍-କ୍ୟାପ୍ କମ୍ପାନୀ ଭାବେ ବିବେଚନା କରାଯାଏ ।

ମାର୍କେଟ୍ କ୍ୟାପିଟାଲାଇଜେଶନ୍ ଭିତ୍ତିରେ, ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡଗୁଡ଼ିକ ନିମ୍ନଲିଖିତ ବର୍ଗରେ ବିଭକ୍ତ:

୧ **ଲାର୍ଜ-କ୍ୟାପ୍ ଫଣ୍ଡ:** ଏହି ଫଣ୍ଡଗୁଡ଼ିକ ସେଗୁଡ଼ିକର ସର୍ବନିମ୍ନ ୮୦% ଆସେଟ୍‌କୁ ଲାର୍ଜ-କ୍ୟାପ୍ କମ୍ପାନୀରେ ନିବେଶ କରିଥାନ୍ତି ଏବଂ ସବୁଠାରୁ ନ୍ୟୁନତମ ରିସ୍କଯୁକ୍ତ ଫଣ୍ଡ ଭାବେ ପରିଚିତ ହୋଇଥାନ୍ତି ।

୨ **ମିଡ୍-କ୍ୟାପ୍ ଫଣ୍ଡ:** ଏହି ଫଣ୍ଡଗୁଡ଼ିକ ସେଗୁଡ଼ିକର ପାଖାପାଖି ୬୫% ହୋଲ୍ଡିଂ ମିଡ୍-କ୍ୟାପ୍ କମ୍ପାନୀରେ ନିବେଶ କରିଥାନ୍ତି। ସେଗୁଡ଼ିକ ଲାର୍ଜ-କ୍ୟାପ୍ ଫଣ୍ଡ ତୁଳନାରେ ଅଧିକ ରିସ୍କଯୁକ୍ତ ହୋଇଥାଏ, କିନ୍ତୁ ତୁଳନାତ୍ମକ ଭାବେ ସେଗୁଡ଼ିକର ଅଭିବୃଦ୍ଧି ସମ୍ଭାବନା ଅପେକ୍ଷାକୃତ ଅଧିକ ହୋଇଥାଏ ।

୩ **ସ୍ମଲ୍-କ୍ୟାପ୍ ଫଣ୍ଡ:** ଏହି ଫଣ୍ଡଗୁଡ଼ିକ ସ୍ମଲ୍-କ୍ୟାପ୍ କମ୍ପାନୀରେ ନିବେଶ କରୁଥିବା ସେଗୁଡ଼ିକର ଆସେଟ୍ ପରିମାଣ ୬୫%ରୁ କମ୍ ହୋଇ ନ ଥାଏ । ତିନୋଟି ବର୍ଗ ମଧ୍ୟ ଏଗୁଡ଼ିକ ସବୁଠାରୁ ଅଧିକ ରିସ୍କଯୁକ୍ତ ହୋଇଥାଏ, କିନ୍ତୁ ଏଗୁଡ଼ିକର ଅଭିବୃଦ୍ଧି ସମ୍ଭାବନା ସର୍ବୋଚ୍ଚ ରହିଥାଏ ।

ବିଭିନ୍ନ କ୍ୟାପ୍‌ର ରିସ୍କ ଓ ରିୱାର୍ଡ ଭିନ୍ନ ଭିନ୍ନ ହୋଇଥାଏ । କିନ୍ତୁ ଆପଣ ସବୁ ବର୍ଗରୁ ସର୍ବୋତ୍ତମ ଲାଭ ପାଇବା ପାଇଁ ମଲ୍ଟି-କ୍ୟାପ୍ ଫଣ୍ଡକୁ ବାଛିପାରନ୍ତି, ଯାହା ମଧ୍ୟରେ ସ୍ମଲ୍, ଲାର୍ଜ ଓ ମିଡ୍-କ୍ୟାପ୍ ଫଣ୍ଡର ମିଶ୍ରଣ ରହିଥାଏ।

### ମଲ୍ଟି-କ୍ୟାପ୍ ଫଣ୍ଡର ଲାଭ

- ରିସ୍କ ଓ ରିଟର୍ନ ମଧ୍ୟରେ ସନ୍ତୁଳନ ରହିଥାଏ।
- ଆପଣଙ୍କ ନିକଟରେ ଏକ ସୁ-ବିବିଧକୃତ ପୋର୍ଟଫୋଲିଓ ରହିବ । ଉଦାହରଣ ସ୍ୱରୂପ, ଆପଣ ଗୋଟିଏ ଫଣ୍ଡ ସହିତ ଅଭିବୃଦ୍ଧି ଓ ମୂଲ୍ୟ ନିବେଶର ଲାଭ ଉପଭୋଗ କରିପାରିବେ ।
- କମ୍ପାନୀଗୁଡ଼ିକ ବିଷୟରେ ଗବେଷଣା କରିବା ଓ ନିଜର ଆବଣ୍ଟନ ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ଆପଣଙ୍କୁ ଅଧିକ ସମୟ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ ।
- ଫଣ୍ଡ ମ୍ୟାନେଜରଙ୍କ ନିକଟରେ ବିଭିନ୍ନ ସେକ୍ଟର, ଷ୍ଟାଇଲ, କ୍ୟାପିଟାଲାଇଜେଶନ୍ ଇତ୍ୟାଦିକୁ ବଦଳାଇବା ପାଇଁ ପର୍ଯ୍ୟାପ୍ତ ନମନୀୟତା ରହିଥାଏ।

### ମଲ୍ଟି-କ୍ୟାପ୍ ଫଣ୍ଡ କେଉଁମାନଙ୍କ ଲାଗି ଉପଯୁକ୍ତ

- ଯେଉଁମାନେ ଦୀର୍ଘ-ମିଆଦୀ ନିବେଶର ଯୋଜନା କରୁଛନ୍ତି ।
- ଯେଉଁମାନେ ମଧ୍ୟମ ରିସ୍କ ସହିତ ଇକ୍ୱିଟି ନିବେଶର ଲାଭ ପାଇବା ପାଇଁ ଚାହୁଁଛନ୍ତି ।
- ବଜାର ସମ୍ପର୍କରେ ସ୍ୱଳ୍ପ କିମ୍ବା ଆଦୌ ଧାରଣା ନ ଥିବା ନୂଆ ନିବେଶକ ।
- ଯେଉଁମାନେ ସୁ-ବିବିଧକୃତ ପୋର୍ଟଫୋଲିଓ ସନ୍ଧାନରେ ଅଛନ୍ତି ।
- ଯେଉଁମାନଙ୍କ ନିକଟରେ ଷ୍ଟକ୍ ସମ୍ପର୍କରେ ଗବେଷଣା କରିବା ଓ ବାଛିବା ପାଇଁ ସମୟ ଓ ଧୈର୍ଯ୍ୟ ନାହିଁ ।

ଏହି ବିଷୟବସ୍ତୁ ବିଶେଷ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ ।

## ବିଶେଷଜ୍ଞ କୁହନ୍ତି

**ଜଣେ ପାଠକ ଆମକୁ ପଚାରିଛନ୍ତି: ମୁଁ ଜଣେ ୩୫ ବର୍ଷୀୟ କର୍ମଜୀବୀ ବ୍ୟକ୍ତି । ମୁଁ ବିଗତ ଦୁଇ ବର୍ଷ ହେଲା ଏସ୍ଆଇପି ଜରିଆରେ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିଆସୁଛି। କିନ୍ତୁ, ଏବେ ମୋ ପାଖରେ ₹୫ ଲକ୍ଷର ମୋଟ ଅଙ୍କର ରାଶି ଅଛି । ଏହି ଟଙ୍କାକୁ ମୁଁ ଇକ୍ୱିଟି ଫଣ୍ଡରେ କିପରି ନିବେଶ କରିବି ?**



**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**

**ରବୀନ୍ଦ୍ର କୁମାର ମହାନ୍ତି**
ଆର୍ଥିକ ବିଶେଷଜ୍ଞ

ଆପଣ ନିଜର ରିସ୍କ ନେବାର ସାମର୍ଥ୍ୟ, ନିବେଶ ମିଆଦ ଏବଂ ନିବେଶ ଉଦ୍ଦେଶ୍ୟକୁ ଭିତ୍ତିକରି ମୋଟ ଅଙ୍କର ରାଶିକୁ ଇକ୍ୱିଟିଫଣ୍ଡରେ ନିବେଶ କରିପାରିବେ । ଊର୍ଦ୍ଧ୍ୱମୁଖୀ ଧାରା ସମୟରେ, ମ୍ୟୁଚୁଆଲ ଫଣ୍ଡ ନିବେଶର ମୋଟ ଅଙ୍କ ପଦ୍ଧତି ଅପେକ୍ଷାକୃତ ଉଚ୍ଚତର ରିଟର୍ନ ଦେଇଥାଏ । ମୋଟ ଅଙ୍କର ଅର୍ଥରାଶି କ୍ଷେତ୍ରରେ ପାଖାପାଖି ୧୦ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ମିଆଦର ନିବେଶ ମିଆଦକୁ ଦୀର୍ଘ-ମିଆଦୀ ନିବେଶ ଭାବେ ବିବେଚନା କରାଯାଇପାରେ । ଆହୁରି ମଧ୍ୟ, ଉତ୍ତମ ଟଙ୍କା ମୂଲ୍ୟ ହାରାହାରୀକରଣ ପାଇଁ ଆପଣ ନିଜର ନିବେଶ ରାଶିକୁ ଛୋଟ ଛୋଟ ମୋଟ ଅଙ୍କର ରାଶିରେ ବିଭକ୍ତ କରିପାରିବେ । ଯଦି ଆପଣଙ୍କର ରିସ୍କର ସାମର୍ଥ୍ୟ ସ୍ୱଳ୍ପ ରହିଥାଏ ତେବେ ଲିକ୍ୱିଡ୍ ଫଣ୍ଡରୁ ନିଜ ପସନ୍ଦର ଇକ୍ୱିଟି ଫଣ୍ଡକୁ ସିଷ୍ଟମାଟିକ୍ ଟ୍ରାନ୍ସଫର୍ ପ୍ଲାନ୍ (ଏସ୍‌ଟିପି) କରିବାର ବିଚାର ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ । ଉଚ୍ଚତର ରିସ୍କ ସାମର୍ଥ୍ୟରେ ମୋଟ ଅଙ୍କର ନିବେଶକୁ ସିଧାସଳଖ ଇକ୍ୱିଟି ଫଣ୍ଡରେ ନିବେଶ କରାଯାଇପାରିବ।

## ଗୁରୁ କୁହନ୍ତି



**ଦୀପକ କୁମାର ଦାଶ**
ଆର୍ଥିକ ପରାମର୍ଶଦାତା

**ମୁଁ ବିଗତ ତିନିବର୍ଷ ଧରି ଇଏଲ୍ଏସ୍ଏସ୍ ଫଣ୍ଡରେ ନିବେଶ କରିଆସୁଛି। ଆସନ୍ତା ମାସରେ, ଲକ୍-ଇନ୍ ଅବଧି ସରିଯିବ। ଲକ୍-ଇନ୍ ଅବଧି ସରିବା ପରେ ମୋ ଟଙ୍କାକୁ ଉଠାଣ କରିବା ମୋ ପାଇଁ ବାଧ୍ୟତାମୂଳକ କି ? କିମ୍ବା ମୁଁ ନିବେଶ ଜାରି ରଖିପାରିବି ?**

ମୋ ମତରେ, ଯଦି ଆପଣ ତୁରନ୍ତ ଟଙ୍କା ଆବଶ୍ୟକ କରୁନାହାନ୍ତି ତେବେ ଉଠାଣ କରନ୍ତୁ ନାହିଁ ଏବଂ ସମୟ ସହିତ ଏହାର ପ୍ରାରମ୍ଭିକ ମୂଳରାଶି ଏବଂ ସଂଗୃହୀତ ଆୟ ଉଭୟରୁ ଜାତ ଅତିରିକ୍ତ ଆୟକୁ ପ୍ରକୃତରେ ଉପଭୋଗ କରିବା ପାଇଁ ଫଣ୍ଡରେ ଚାରିରୁ ପାଞ୍ଚ ବର୍ଷ ପାଇଁ ନିବେଶକୁ ଜାରି ରଖନ୍ତୁ । ଯାହା ବି ହେଉ ନା କାହିଁକି, ଆପଣଙ୍କର ଲକ୍-ଇନ୍ ଅବଧି ଆସନ୍ତା ମାସରେ ପୂରିବାକୁ ଯାଉଛି, ଯାହା ଆପଣଙ୍କୁ ଟଙ୍କା ଉଠାଣ କରିବା ପାଇଁ ଅନୁମତି ଦେଇଥାଏ, କିନ୍ତୁ ଆପଣ ଏହା ଧ୍ୟାନରେ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ, ଯଦି ସେତେବେଳେ ଆପଣ ମୋଟ ଅଙ୍କର ଅର୍ଥରାଶି ନିବେଶ କରିଥିଲେ ତେବେ ଆପଣ ସମ୍ପୂର୍ଣ୍ଣ ପରିମାଣକୁ ଉଠାଣ କରିବାରେ ସମର୍ଥ ହୋଇପାରିବେ । ଅଧିକନ୍ତୁ, ଯଦି ଆପଣ ଏସ୍ଆଇପି ବ୍ୟବହାର କରି ଏକାଧିକ ଥର ନିବେଶ କରିଥିବେ ତେବେ କେବଳ ତିନିବର୍ଷ ପୂରା କରିଥିବା ଅର୍ଥରାଶିକୁ ଉଠାଇବା ଲାଗି ଆପଣ ହକ୍‌ଦାର ହେବେ ।

**ଏସ୍ଆଇପି ସମୟ ସହିତ ଆପଣଙ୍କ ନିବେଶ ଖର୍ଚ୍ଚର ହାରାହାରୀକରଣ କରିପାରିବ ।**
ଅସ୍ଥିରତାର ମୁକାବିଲା କରିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଏବେ ହିଁ ନିବେଶ କରନ୍ତୁ !



**f LIVE**

ଇକ୍ୱିଟି ନିବେଶକଙ୍କ ସର୍ବୋତ୍ତମ ବନ୍ଧୁ ହୋଇପାରିବ। ଏହି ଆସେଟ୍ କ୍ଲାସ୍‌ର ଲାଭ ସମ୍ପର୍କରେ ଅଧିକ ଜାଣିବା ପାଇଁ, ୯ ଜୁଲାଇ ୨୦୨୦ ଅପରାହ୍ନ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ ଲାଇଭ୍‌ରେ ଟ୍ୟୁନ୍ ଇନ୍ କରନ୍ତୁ ଏବଂ 'ଇକ୍ୱିଟି ସହିତ ଏକ ବିଜେତା ନିବେଶ ପୋର୍ଟଫୋଲିଓ ଗଢ଼ନ୍ତୁ' ଶୋ' ଦେଖନ୍ତୁ ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହ ପଢ଼ନ୍ତୁ ।

ଦାବିତ୍ୟାଗ: କେୱାଇସି ଦଲିଲ ଆବଶ୍ୟକତା ତଥା ଠିକଣା, ଫୋନ୍ ନମ୍ବର, ବ୍ୟାଙ୍କ ବିବରଣୀ ଇତ୍ୟାଦି ପରିବର୍ତ୍ତନର ପଦ୍ଧତି ସମ୍ପର୍କରେ ଅଧିକ ଜାଣିବା ପାଇଁ ଦୟାକରି https://www.utimf.com/servicerequest/kyc ପରିଦର୍ଶନ କରନ୍ତୁ। ଦୟାକରି କେବଳ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ସହ କାରବାର କରନ୍ତୁ, ଯେଉଁମାନଙ୍କ ବିବରଣୀ ସେବି ୱେବ୍‌ସାଇଟ୍‌ରେ ''ମଧ୍ୟସ୍ଥି/ବଜାର ଭିତ୍ତିଭୂମି ଅନୁଷ୍ଠାନ'' ଅଧୀନରେ ଯାଞ୍ଚ କରାଯାଇପାରିବ। ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ସମ୍ପର୍କିତ ସମସ୍ତ ଅଭିଯୋଗ service@uti.co.in ରେ ଏବଂ/କିମ୍ବା www.scores.gov.in (ସେବି ସ୍କୋର୍‌ସ ପୋର୍ଟାଲ୍) ପରିଦର୍ଶନ କରି ଦାଖଲ କରାଯାଇପାରିବ। ଏହି ସାମଗ୍ରୀ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନିବେଶକ ଶିକ୍ଷା ଓ ସଚେତନତା ପ୍ରୟାସର ଏକ ଅଂଶବିଶେଷ ଅଟେ ।





ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655097225 ରେ ଏକ ମିସ୍‌ଡ କଲ୍ ଦିଅନ୍ତୁ ।

ମଲ୍‌ଟି କ୍ୟାପ୍ ପୋର୍ଟଫୋଲିଓ ଲାର୍ଜ୍ କ୍ୟାପ୍, ମିଡ୍ କ୍ୟାପ୍ ଏବଂ ସ୍ମଲ୍ କ୍ୟାପ୍ ଷ୍ଟକ୍‌ସରେ ନିବେଶ କରେ, ଏହିପରି ସମଗ୍ର ବଜାରର ସୁଯୋଗର ସୁବିଧା ନେଇଥାଏ । ଆପଣଙ୍କ ଦୀର୍ଘ-ମିଆଦୀ ବିତ୍ତୀୟ ଲକ୍ଷ୍ୟ ହାସଲ ପାଇଁ ଏକ ମଲ୍‌ଟି କ୍ୟାପ୍ ଫଣ୍ଡରେ ନିବେଶ କରିବା ପାଇଁ ବିଚାର କରନ୍ତୁ ।

- ସମଗ୍ର ବଜାରରେ ଅଧିକ ସୁଯୋଗ ପ୍ରଦାନ କରେ
- ଆପଦ ଏବଂ ଅସ୍ଥିରତା ମଧ୍ୟରେ ସନ୍ତୁଳନ ରଖେ
- ବଜାର ସ୍ଥିତି ଅନୁସାରେ ନିବେଶରେ ନମନୀୟତା

**ୟୁଟିଆଇ ସ୍ୱତନ୍ତ୍ର**
ଏକ ନିବେଶକ ଶୈକ୍ଷଣିକ ପଦକ୍ଷେପ
SMS "UTIETY" to 5676756

Scan this QR code to learn more about asset allocation

**ମଲ୍‌ଟି କ୍ୟାପ୍ ଇକ୍ୱିଟୀ ଫଣ୍ଡ୍ସ**
ଅଧିକ ଜାଣିବା ପାଇଁ ଲଗ୍ ଅନ୍ କରନ୍ତୁ www.utiswatantra.com
Follow us on f t in

1267

ମଲ୍‌ଟି କ୍ୟାପ୍ ଇକ୍ୱିଟୀ ମ୍ୟୁଚୁଆଲ୍ ଫଣ୍ଡସ ଲାର୍ଜ୍ କ୍ୟାପ୍, ମିଡ୍ କ୍ୟାପ୍ ଏବଂ ସ୍ମଲ୍ କ୍ୟାପ୍ ଷ୍ଟକ୍‌ସରେ ନିବେଶ କରେ ।

କେୱାଇସି ଦସ୍ତାବିଜ ଆବଶ୍ୟକତା ଓ ଠିକଣା, ଫୋନ୍ ନମ୍ବର, ବ୍ୟାଙ୍କ ବିବରଣୀ ଆଦି ବଦଳାଇବାର ପ୍ରକ୍ରିୟା ବିଷୟରେ ଜାଣିବା ପାଇଁ ଦେଖନ୍ତୁ https://www.utimf.com/servicerequest/kyc । ଦୟାକରି କେବଳ ପଞ୍ଜିକୃତ ମ୍ୟୁଚୁଆଲ ଫଣ୍ଡ ହିଁ ନିଅନ୍ତୁ, ଯାହାର ବିବରଣୀ ସେବି ୱେବସାଇଟ୍‌ରୁ ''ମଧ୍ୟସ୍ଥ/ବଜାର ମୌଳିକ ଢାଞ୍ଚା ସଂସ୍ଥାନ'' ଅଧୀନରେ କରାଯାଇପାରେ । ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ବିଷୟରେ ଯାହା ବି ଅଭିଯୋଗ ଅଛି ତାହା service@uti.co.in କୁ ପଠା ଯାଇପାରେ ଏବଂ/ବା www.scores.gov.in (ସେବି ସ୍କୋର୍‌ସ ପୋର୍ଟାଲ୍) ଦେଖି ପାରିବେ । ଏହି ସାମଗ୍ରୀ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନିବେଶକ ଶିକ୍ଷା ଓ ସଚେତନତା ଉପକ୍ରମର ଅଂଶ ଅଟେ ।

**ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ଯୋଜନା ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢ଼ନ୍ତୁ ।**

## ସାପ କାମୁଡ଼ାରେ ମହିଳା ମୃତ

**ବାଲିଅନ୍ତା:** ବାଲିଅନ୍ତା ଥାନା ଅଧୀନ ବେଣ୍ଟପୁର ଗ୍ରାମରେ ବୁଧବାର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁବାସିନୀ ଜେନା। ଗତ ୧ ମାସ ହେବ ସାକ୍ଷୀଗୋପାଳରେ ଥିବା ଶାଶୁଘରୁ ବାପଘରକୁ ବୁଲିବାକୁ ଆସିଥିଲେ। ଅପରାହ୍ନ ସମୟରେ ବାହାରକୁ ଯିବା ପାଇଁ ମହିଳା ଜଣକ ଚପଲ ଷ୍ଟାଣ୍ଡରୁ ଚପଲ ବାହାର କରିବା ସମୟରେ ଘର ଦୁଆର ମୁହଁରେ ଥିବା ଏକ ବିଷାକ୍ତ ସାପ ପାଦକୁ କାମୁଡ଼ି ଦେଇଥିଲା। ଚିତ୍କାର ଶୁଣି ଘର ଲୋକେ ତାଙ୍କୁ ପ୍ରଥମେ ଏକ ଘରୋଇ ହସ୍ପିଟାଲ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କଟକ: ସପ୍ତାହରେ ୧୫୦ ଆକ୍ରାନ୍ତ

## ଚିନ୍ତା ବଢ଼ାଇଛି ଦୁଇ ହସ୍ପିଟାଲ

କଟକ ଅଫିସ,୮।୭

କରୋନା ଭୂତାଣୁ କବଳକୁ ଚାଲିଗଲାଣି କଟକ। ସହରରେ ଏବେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରଥମ ଆକ୍ରାନ୍ତଙ୍କଠାରୁ ସଂଖ୍ୟା ୪୬ ଛୁଇଁବା ପାଇଁ ତିନି ମାସ ସମୟ ଲାଗିଥିବା ବେଳେ ମାତ୍ର ଗୋଟିଏ ସପ୍ତାହ ଭିତରେ ଆକ୍ରାନ୍ତଙ୍କ ସଂଖ୍ୟା ୨ ଶହରେ ପହଞ୍ଚିଛି। କଟକରେ କରୋନା କିଭଳି ସାଂଘାତିକ ରୂପ ନେଉଛି, ତାହା ଏଥିରୁ ଅନୁମାନ କରିହେବ।

ଏପ୍ରିଲ୍ ୩ରେ କଟକ ସହରରୁ ପ୍ରଥମ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଆକ୍ରାନ୍ତ ଜଣକ ନିଜାମୁଦ୍ଦିନ ଫେରନ୍ତା ଓ ପଟ୍ଟାପୋଲ ଅଞ୍ଚଳରେ ତାଙ୍କ ଘର। ତାଙ୍କୁ ଠାବ କରାଯିବା ପରେ ସମ୍ପୂର୍ଣ୍ଣ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ କରାଯାଇଥିଲା। ଅଞ୍ଚଳବାସୀଙ୍କ କରୋନା ପରୀକ୍ଷା ପରେ କେହି ନୂଆ ଆକ୍ରାନ୍ତ ନ ଥିବା ଜଣାପଡ଼ିଥିଲା। ଏହାର ଦେଢ଼ ମାସ ପରେ ମେ' ୧୭ ତାରିଖ ଦ୍ୱିତୀୟ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସହରର ଏକ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ଏହି ଯୁବକ ଜଣକ ଆନ୍ଧ୍ରପ୍ରଦେଶରୁ ଫେରିଥିଲେ। ପରେ କାଁ ଭାଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କଟକ ମହାନଗର ନିଗମ (ସିଏମ୍‌ସି) ସୂଚନା ଅନୁଯାୟୀ, ଜୁନ୍ ୧୨ ସୁଦ୍ଧା ସହରରେ ଆକ୍ରାନ୍ତଙ୍କ ସଂଖ୍ୟା ମାତ୍ର ୨୨ ଥିଲା। ଜୁନ୍ ୨୪ରେ ଏହି ସଂଖ୍ୟା ୩୨ ଓ ଜୁଲାଇ ୧ ସୁଦ୍ଧା ୪୬ରେ ସୀମିତ ଥିଲା। କିନ୍ତୁ ଗତ ଏକ ସପ୍ତାହ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଛି। ଜୁଲାଇ ୨ରେ ୫୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ଆକ୍ରାନ୍ତଙ୍କ ବ୍ୟତୀତ ଅନ୍ୟମାନେ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନର ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ। ଏଥିରେ ହସ୍ପିଟାଲର ନର୍ସଙ୍କଠାରୁ ଆରମ୍ଭ କରି ସୁରକ୍ଷାକର୍ମୀ ଓ ଡାକ୍ତର ରହିଛନ୍ତି। ସହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୫ ଥିଲା। ଏକରୁ ଶହେରେ ପହଞ୍ଚିବା ପାଇଁ ତିନି ମାସ ଲାଗିଥିଲା। କିନ୍ତୁ ଜୁଲାଇ ୩ରେ ଆଉ ୧୧ ଜଣ ଚିହ୍ନଟ ହୋଇଥିଲେ। ଏଥିରେ ୫ ଜଣ କ୍ୟାନ୍‌ସର ହସ୍ପିଟାଲ ଓ ୬ ଜଣ ଘରୋଇ ନର୍ସିଂହୋମ୍‌ର ଥିଲେ। ଜୁଲାଇ ୪ରେ ସର୍ବାଧିକ ୭୪ ଜଣ ଆକ୍ରାନ୍ତ ଚିହ୍ନଟ ହେଲେ। ଏଥିରୁ ୪ ଜଣଙ୍କୁ ଛାଡ଼ି ଅନ୍ୟମାନେ କ୍ୟାନ୍‌ସର ହସ୍ପିଟାଲ ସହ ଜଡ଼ିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ। ୫ ତାରିଖରେ ୩, ୬ରେ ୫ ଓ ୭ରେ ୪ଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ଆକ୍ରାନ୍ତଙ୍କ ସଂଖ୍ୟା ୨୦୨ରେ ପହଞ୍ଚିଛି।

### ଗତ ଏକ ସପ୍ତାହର ସ୍ଥିତି

| ତାରିଖ | ଆକ୍ରାନ୍ତ |
|---|---|
| ଜୁଲାଇ ୧ | ୪୬ |
| ଜୁଲାଇ ୨ | ୫୯ |
| ଜୁଲାଇ ୩ | ୧୧ |
| ଜୁଲାଇ ୪ | ୭୪ |
| ଜୁଲାଇ ୫ | ୩ |
| ଜୁଲାଇ ୬ | ୫ |
| ଜୁଲାଇ ୭ | ୪ |

### ଲୋକେ ଜୀବନଶୈଳୀ ବଦଳାଇବା ଜରୁରୀ

ଆକ୍ରାନ୍ତଙ୍କ ସଂଖ୍ୟା କମାଇବା ପାଇଁ ଶଟ୍‌ଡାଉନ୍ ଜାରି କରାଯାଇଛି। ସହରବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ଚିହ୍ନଟ ଏବଂ ପରୀକ୍ଷା ହେଉଛି ପ୍ରାଥମିକତା। ଲୋକେ ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ, ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇବ।

**– ଅନନ୍ୟା ଦାସ, ସିଏମ୍‌ସି କମିଶନର**

# ସିଏମ୍‌ସିର ବେଖାତିର ଯୋଗୁ ବଢ଼ୁଛି ସଂକ୍ରମଣ

- ଚିନ୍ତା ବଢ଼ାଇଛି ଦୁଇଟି ସାହି
- ଗୃହ ସଙ୍ଗରୋଧକୁ ଦୃଷ୍ଟି ନାହିଁ

କଟକ ଅଫିସ,୮।୭

କଟକ ସହରରେ ମୁଖ୍ୟତଃ ଦୁଇଟି ସାହି କରୋନା ଚିନ୍ତା ବଢ଼ାଇଛି। ଗୋଟିଏ ହେଲା ମାଣିକଘୋଷ ବଜାର ଓ ଅନ୍ୟଟି ରାଣୀହାଟ ମାଳିସାହି। ମାଣିକଘୋଷ ବଜାରରେ ଗୋଟିଏ ଦିନରେ ୧୧ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ଏକ ବିବାହ ଭୋଜି ଆୟୋଜନ ପରେ ଏହି ସଂକ୍ରମଣ ବଢ଼ିଥିଲା। ସଂକ୍ରମିତ ୧୧ ଜଣ ଯାକ ବ୍ୟକ୍ତିବିଶେଷ ପରସ୍ପରର ସମ୍ପର୍କୀୟ ଅଟନ୍ତି। ପରେ ଏହି ଲିଙ୍କରେ ଆଉ ଜଣେ ମଧ୍ୟ କରୋନା ଆକ୍ରାନ୍ତ ହୋଇଥିଲେ। ବିବାହ ଭୋଜିରେ ଯୋଗ ଦେଇଥିବା ଭୁବନେଶ୍ୱରର ଜଣେ ବ୍ୟକ୍ତିଙ୍କ ଯୋଗୁ ସଂକ୍ରମଣ ବଢ଼ିଥିବା କୁହାଯାଉଛି। ରାଣୀହାଟରେ ସମାନ ଦିନରେ ୧୩ ଆକ୍ରାନ୍ତ ବାହାରିଥିଲେ। କ୍ୟାନସର ହସ୍ପିଟାଲରୁ ଆକ୍ରାନ୍ତ ଥିବା ଜଣେ କର୍ମଚାରୀଙ୍କ ସଂସ୍ପର୍ଶରେ ଆସି ସାହିର କେତେଜଣ ସଙ୍ଗରୋଧରେ ଥିଲେ। ଏମାନଙ୍କ ଭିତରୁ ୧୩ ପଜିଟିଭ ଚିହ୍ନଟ ହୋଇଥିଲେ। ଏବେ ଏହା କଣ୍ଟେନମେଣ୍ଟ ଜୋନରେ ରହିଛି। ଉଭୟ ସାହିର ଅଭିଯୋଗ, ସିଏମ୍‌ସି ବେଖାତିର ଭାବେ କାମ କରୁଛି। ମାଣିକଘୋଷ ବଜାର ନିକଟସ୍ଥ ଟାଉନହଲ ଅଞ୍ଚଳର ଜଣେ ବାସିନ୍ଦା କହିଛନ୍ତି, ବିବାହ ଭୋଜି ସମ୍ପର୍କରେ ସିଏମ୍‌ସିକୁ ଅବଗତ କରାଯାଇଥିଲା। ହେଲେ ସେମାନେ ପଦକ୍ଷେପ ନେବାରେ ବହୁ ବିଳମ୍ବ କରିଥିଲେ। ରାଜ୍ୟ ତଥା ଦେଶ ବାହାରର ଅନେକ ପ୍ରବାସୀ ଗୃହ ସଙ୍ଗରୋଧରେ ଅଛନ୍ତି। ସେମାନେ ଘରେ ପହଞ୍ଚିବା ପରେ ଫାଟକ ସମ୍ମୁଖରେ ଗୃହ ସଙ୍ଗରୋଧର ଷ୍ଟିକର ଲାଗୁଛି ସତ, ହେଲେ ସେମାନଙ୍କ ଗତିବିଧି ପ୍ରତି କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ଉଠୁଛି।

## ସଂକ୍ଷେପରେ

### ସୋମବାର ଖୋଲିବ ହାଇକୋର୍ଟ

**କଟକ ଅଫିସ,୮।୭:** କଟକ ମହାନଗର ନିଗମ କରୋନା ସଂକ୍ରମଣ ରୋକିବା ପାଇଁ ଜୁଲାଇ ୬ରୁ ୮ ପର୍ଯ୍ୟନ୍ତ ସହରକୁ ଶଟ୍‌ଡାଉନ ଘୋଷଣା କରିଥିଲା। ଫଳରେ ହାଇକୋର୍ଟ ମଧ୍ୟ ଏହି ସମୟରେ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିଲା। ପରେ ସିଏମ୍‌ସି ଶଟ୍‌ଡାଉନ ଅବଧିକୁ ଶୁକ୍ରବାର ଯାଏ ବୃଦ୍ଧି କରିବା ଯୋଗୁ ହାଇକୋର୍ଟ ମଧ୍ୟ ସେ ପର୍ଯ୍ୟନ୍ତ ବନ୍ଦ ରହିବ। ବୁଧବାର ଏନେଇ ହାଇକୋର୍ଟର ଫୁଲ୍‌କୋର୍ଟରେ ନିଷ୍ପତ୍ତି ହୋଇଛି। ଏହାସହ ସପ୍ତାହାନ୍ତ ଶଟ୍‌ଡାଉନ ଯୋଗୁ ଶନିବାର ଓ ରବିବାର ହାଇକୋର୍ଟ ବନ୍ଦ ରହିବ। ଆସନ୍ତା ସୋମବାରଠାରୁ ହାଇକୋର୍ଟ କାର୍ଯ୍ୟ ସ୍ୱାଭାବିକ ହେବ। କେବଳ ହାଇକୋର୍ଟ ନୁହେଁ, କଟକ ସହରରେ ଥିବା ସମସ୍ତ କୋର୍ଟକୁ ବନ୍ଦ ରଖାଯିବା ପାଇଁ ଗୁରୁବାର କଟକ ଜିଲା କୋର୍ଟ ନିଷ୍ପତ୍ତି ନେଇଛି।

### ହାଇକୋର୍ଟର ଆଉ ଜଣେ ପଜିଟିଭ୍ କଟକ ସହରରୁ ୭, ଜିଲାରୁ ୪ ଆକ୍ରାନ୍ତ ଚିହ୍ନଟ

**କଟକ ଅଫିସ,୮।୭:** ଓଡ଼ିଶା ହାଇକୋର୍ଟର ଆଉ ଜଣେ କର୍ମଚାରୀ ବୁଧବାର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେ ସିଡିଏର ସେକ୍ଟର-୯ରେ ରହୁଛନ୍ତି। ତାଙ୍କୁ ଆଠଗଡ଼ସ୍ଥିତ ଏକ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବା ସହ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ବିଷୟରେ ଯାଞ୍ଚ କରାଯାଉଛି। ଏହା ପୂର୍ବରୁ ହାଇକୋର୍ଟର ସିଭିଲ୍ ରେକର୍ଡ଼ ସେକ୍ସନର ଜଣେ କର୍ମଚାରୀ ପ୍ରଥମେ କରୋନାର ଶିକାର ହୋଇଥିଲେ। ଅନ୍ୟପକ୍ଷରେ କଟକ ସହରରେ ବୁଧବାର ଆଉ ୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରୁ ୪ଜଣଙ୍କ ଘର କନିକା ରୋଡ୍‌ରେ ବୋଲି ଜଣାପଡ଼ିଛି। ଗତ ୭ ତାରିଖ କନିକା ରୋଡର ଜଣେ ୬୫ ବର୍ଷୀୟ ଆଇନଜୀବୀ କରୋନା ପଜିଟିଭ ବାହାରିଥିଲେ। ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିରୁ ୪ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୨ ପୁରୁଷ ଓ ୨ ମହିଳା ରହିଛନ୍ତି। ସିଡିଏ ସେକ୍ଟର-୭ର ଜଣେ ମହିଳା କରୋନା ଆକ୍ରାନ୍ତ ହୋଇଛନ୍ତି। ଅନ୍ୟ ୨ ଜଣଙ୍କ ସମ୍ପର୍କରେ ପ୍ରଶାସନ କିଛି ସୂଚନା ଦେଇନାହିଁ। କଟକ ସହର ବ୍ୟତୀତ ବୁଧବାର ଜିଲାରେ ୪ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ପୋଖରୀରେ ବୁଡ଼ି ୮ବର୍ଷର ନାବାଳିକା ମୃତ

**କଣ୍ଟାପଡା,୮।୭(ଡି.ଏନ୍.ଏ.):** ଗୋବିନ୍ଦପୁର ଥାନା ଅନ୍ତର୍ଗତ ଭୋଦଳ ଗ୍ରାମର ଜଣେ ୮ବର୍ଷର ନାବାଳିକାଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ସେ ହେଲେ ଜିଜ୍ଞାସା ଲେଙ୍କା। ଖବରରୁ ପ୍ରକାଶ ତ୍ରିନାଥ ଲେଙ୍କାଙ୍କ ଝିଅ ବୁଧବାର ପ୍ରାୟ ମଧ୍ୟାହ୍ନ ୧୨ଟାବେଳେ ଘରପଛ ପଟେ ଖେଳିବାକୁ ଯାଇଥିଲେ। ଦୀର୍ଘସମୟ ହେବ ସେ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ଘର ନିକଟ ଥିବା ପୋଖରୀରେ ଚପଲ ଭାସୁଥିବା ଦେଖି ସେଠାରେ ଖୋଜାଖୋଜି କରିଥିଲେ। ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ମଇଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ପୁରୀ ରଥଯାତ୍ରା ପରେ ତିନି ରଥରୁ ବୁଧବାର କଳସ ଓ କପଡ଼ା ଖୋଲାଯାଉଛି।

# ଗର୍ଭବତୀଙ୍କ ଆଣ୍ଟିଜେନ୍ ରିପୋର୍ଟ ପଜିଟିଭ୍

- ପ୍ରସବ ବେଳେ ମୃତ ଶିଶୁ ଜନ୍ମ
- କ୍ୱାରାଣ୍ଟାଇନକୁ ଯିବେ ଅସ୍ତ୍ରୋପଚାର କରିଥିବା କୋଭିଡ୍ ଟିମ୍
- ଶିଶୁଭବନର ଜଣେ ଶିଶୁ, ଏସ୍‌ସିବି ଆଇସୋଲେଶନ ୱାର୍ଡରୁ ୩ ଆକ୍ରାନ୍ତ ଚିହ୍ନଟ

କଟକ ଅଫିସ,୮।୭

ଏସ୍‌ସିବିରେ ଆରମ୍ଭ ହୋଇଥିବା ଆଣ୍ଟିଜେନ୍ ଟେଷ୍ଟରେ ବୁଧବାର ଜଣେ ଗର୍ଭବତୀ ମହିଳାଙ୍କ ରିପୋର୍ଟ ପଜିଟିଭ ଆସିଛି। ତେବେ ପ୍ରସବ ବେଳେ ତାଙ୍କର ମୃତ ଶିଶୁ ଜନ୍ମ ହୋଇଛି। ବର୍ତ୍ତମାନ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ପ୍ରସବକାଳୀନ ଅସ୍ତ୍ରୋପଚାରରେ ସାମିଲ ଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ କ୍ୱାରାଣ୍ଟାଇନକୁ ପଠାଯିବ। କରୋନା ଆକ୍ରାନ୍ତ ମହିଳାଙ୍କୁ ଗୁରୁବାର କୋଭିଡ ହସ୍ପିଟାଲ ସ୍ଥାନାନ୍ତର କରାଯିବ।

ବୁଧବାର ଦିପହରେ ଏସ୍‌ସିବିର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ କଟକ ସିଡିଏ ଅଞ୍ଚଳର ଜଣେ ଗର୍ଭବତୀ ମହିଳାଙ୍କୁ ଆଡମିଶନ କରାଯାଇଥିଲା। ରାପିଡ୍ ଆଣ୍ଟିଜେନ ରିପୋର୍ଟ ପଜିଟିଭ ଆସିବାରୁ ତାଙ୍କୁ ଲେବର ରୁମ୍‌ର ଆଇସୋଲେଶନ ବେଡ୍‌ରେ ରଖାଯାଇଥିଲା। ପ୍ରସବ ବେଦନା ବଢ଼ିବାରୁ ଉକ୍ତ ବିଭାଗର କୋଭିଡ ଟିମ୍ ମହିଳାଙ୍କ ଚିକିତ୍ସା ପାଇଁ ବିଭାଗୀୟ ମୁଖ୍ୟ ତଥା ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରେ ଆବଶ୍ୟକ ପଡ଼ିବାରୁ ମହିଳାଙ୍କ ଜରୁରୀ ଅସ୍ତ୍ରୋପଚାର କରାଯାଇଥିଲା। କିନ୍ତୁ ସେ ମୃତଶିଶୁ ପ୍ରସବ କରିଥିଲେ। ଅସ୍ତ୍ରୋପଚାରରେ ୨ ଜଣ ସିନିୟର ରେସିଡେଣ୍ଟ ଓ ଜଣେ ଆନାସ୍ଥେସିଆ ଡାକ୍ତରଙ୍କ ସହ ଅନ୍ୟ ପାରାମେଡିକାଲ ଷ୍ଟାଫ୍ ନିୟୋଜିତ ଥିଲେ। ଅନ୍ୟପକ୍ଷରେ କଟକ ଶିଶୁ ଭବନ ମେଡିସିନ ୱାର୍ଡର ଫିବର କ୍ଲିନିକରେ ଭର୍ତ୍ତି ହୋଇଥିବା ଜଣେ ଶିଶୁର ରିପୋର୍ଟ ପଜିଟିଭ ଆସିଛି। ତାକୁ କୋଭିଡ ହସ୍ପିଟାଲ ପଠାଯାଇଛି। ସେହିପରି ଏସ୍‌ସିବି ଆଇସୋଲେଶନ ୱାର୍ଡରୁ ୩ଜଣଙ୍କ ରିପୋର୍ଟ ପଜିଟିଭ ଆସିଛି।

# ରାଜଧାନୀ ଅଣାୟତ୍ତ: ପୁଣି ୪୬ ଚିହ୍ନଟ

ଭୁବନେଶ୍ୱର, ୮।୭(ବ୍ୟୁରୋ)

ଗତ ୨୪ଘଣ୍ଟାରେ ଭୁବନେଶ୍ୱରରେ ୪୬ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୨ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୨୪ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୨୦ ସ୍ଥାନରୁ ୨୪ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ବୁଧବାର ବିଏମ୍‌ସି ଦେଇଥିବା ତଥ୍ୟ ମୁତାବକ, ୪ଟି ପଜିଟିଭ ଘଟଣାରେ ଅନ୍ୟ ଜିଲାରୁ ଫେରିଥିବା ସଂକ୍ରମିତ ଥିବାବେଳେ ୯ ବିଭିନ୍ନ ହସ୍ପିଟାଲ ସଂକ୍ରମିତ, ୪ଜଣ ଭୁବନେଶ୍ୱର ଆର୍‌ଟିଓ କାର୍ଯ୍ୟାଳୟରୁ ଏବଂ ବାକି ୭ଜଣ ଭୁବନେଶ୍ୱରର ଭିନ୍ନ ଭିନ୍ନ ଅଞ୍ଚଳରୁ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂଆ ସଂକ୍ରମିତ ଅଞ୍ଚଳ ତାଲିକାରେ କଳିଙ୍ଗନଗର ଓ ୟୁନିଟ୍ ୮ ସାମିଲ ହୋଇଛି। ଜୁନ୍ ୨ରୁ ଏଯାବତ୍ ବିଏମ୍‌ସି ତଥ୍ୟ ମୁତାବକ୍ ଭୁବନେଶ୍ୱରର ପାଖାପାଖି ୪୭ ୱାର୍ଡରେ କରୋନା ସଂକ୍ରମିତ ଚିହ୍ନଟ ହେଲେଣି। ଚିହ୍ନଟ ୨୪ ସଂକ୍ରମିତମାନେ ପାତ୍ରପଡ଼ା, କଟକ ରୋଡ, ପ୍ରାଇଭେଟ୍ ମେଡିକାଲ୍ କର୍ମଚାରୀ, ଆର୍‌ଟିଓ- ୧, ୟୁନିଟ୍-୮, ନୟାପଲ୍ଲୀ, ଘାଟିକିଆ, ନୟାପଲ୍ଲୀ ବେହେରା ସାହି, ପୋଖରୀପୁଟ୍ କେଶରୀ ଭିଲ୍ଲା, କୋଳଥିଆ, ଜୟଦେବ ବିହାର, ସରକାରୀ ମେଡିକାଲ, କଳିଙ୍ଗନଗର, ଗଙ୍ଗନଗର, ଖଣ୍ଡଗିରି ଅଞ୍ଚଳର। ସେହିପରି ଆଇଗିଣିଆରୁ ୩ , ଚନ୍ଦ୍ରଶେଖରପୁର ପ୍ରଗତି ବିହାରରୁ ଜଣେ, ପାହାଳ ପୋଲିସପୋଷ୍ଟ ଅଞ୍ଚଳରୁ ଜଣେ, ଗ୍ୟାରେଜ ଛକରୁ ଜଣେ, ଓଲଡ୍ ଟାଉନ୍ ତିନିମୁଣ୍ଡିଆ ଛକ ଅଞ୍ଚଳରୁ ଜଣେ, ରସୁଲଗଡ଼ ଶବର ସାହିରୁ ୩ , ବରମୁଣ୍ଡାରୁ ଜଣେ, ନୂଆଗାଁ ବିଜୟ ବିହାରରୁ ୨, ଝାରପଡ଼ା ଜଗନ୍ନାଥ ନଗର ଅଞ୍ଚଳରୁ ଜଣେ, ଲକ୍ଷ୍ମୀସାଗର ଉପର ସାହିରୁ ଜଣେ, ଚିନ୍ତାମଣିଶ୍ୱର ମନ୍ଦିର ଅଞ୍ଚଳରୁ ଜଣେ, ଡୁମଡୁମା ଫେଜ୍-୧ ଅଞ୍ଚଳରୁ ୩ ଜଣ, ନାକା ଗେଟ୍ ଅଞ୍ଚଳରୁ ଓ ପାତ୍ରପଡ଼ା ଅଞ୍ଚଳରୁ ଜଣେ ଲେଖାଏ ଆକ୍ରାନ୍ତ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଛନ୍ତି।

# ୮୪ଘଣ୍ଟା କୋଟସାହି ପଞ୍ଚାୟତ ଶଟ୍‌ଡାଉନ୍

ଟାଙ୍ଗୀ(କଟକ)୮।୭(ଡି.ଏନ୍.ଏ)

ଟାଙ୍ଗୀ ଅଞ୍ଚଳର କୋଟ ସାହି ପଞ୍ଚାୟତ ଅଧୀନ ମଠ ସାହିରେ ଜଣେ ୩୫ ବର୍ଷୀୟ ଯୁବକ ବୁଧବାର ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେ ନିକଟରେ କ୍ୟାନସର ହସ୍ପିଟାଲରେ ଚିକିତ୍ସା ହେଉଥିଲେ। ଚିହ୍ନଟ ପରେ ପଞ୍ଚାୟତକୁ ୮୪ ଘଣ୍ଟା ପାଇଁ ସରପଞ୍ଚ ଅମୂଲ୍ୟ ସାହୁ ଶଟ୍‌ଡାଉନ କରିଛନ୍ତି। ଏହା ୯ ତାରିଖ ଗୁରୁବାର ସକାଳ ୬ରୁ ୧୨ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଆକ୍ରାନ୍ତ ଯୁବକ ବଡ଼ ମେଡିକାଲରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିଲେ। ମୁଖଗହ୍ୱର କର୍କଟରେ ପୀଡ଼ିତ ହେବା ପରେ ଜୁନ ୯ରେ ସେ କ୍ୟାନସର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। କେମୋଥେରାପି ପରେ ଜୁନ ୧୨ରେ ଘରକୁ ଫେରିଥିଲେ। କ୍ୟାନସର ହସ୍ପିଟାଲରେ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଇବା ପରେ ତାଙ୍କ ସ୍ୱାବ ଗତ ୬ତାରିଖରେ ପରୀକ୍ଷା ପାଇଁ ଯାଇଥିବାବେଳେ ବୁଧବାର ରିପୋର୍ଟ ପଜିଟିଭ ଆସିଥିଲା।

# କାଠଯୋଡ଼ି ନଦୀରୁ ଉଦ୍ଧାର ହେଲେ ମା', ଝିଅ

ନରାଜ,୮।୭ (ଡି.ଏନ୍.ଏ)

କଟକ ତ୍ରିଶୁଳିଆ ନିକଟସ୍ଥ ସୁଭାସ ଚନ୍ଦ୍ର ବୋଷ ବ୍ରିଜ୍‌ରୁ ବୁଧବାର ଅପରାହ୍ନରେ କାଠଯୋଡ଼ି ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ୨ଜଣଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରିଛନ୍ତି। ନଦୀରୁ ଉଦ୍ଧାର ହୋଇଥିବା ୨ଜଣ ସମ୍ପର୍କରେ ମା' ଓ ଝିଅ ଅଟନ୍ତି। ସେମାନେ ଭୁବନେଶ୍ୱର ଭିଏସ୍‌ଏସ୍‌ନଗରରେ ରହୁନ୍ତି। ପାରିବାରିକ କଳହକୁ କେନ୍ଦ୍ର କରି ଉଭୟ ଆତ୍ମହତ୍ୟା ଉଦ୍ୟମ କରିଥିବା ପ୍ରାଥମିକ ସୂତ୍ରରୁ ଜଣାପଡ଼ିଛି ବୋଲି ପୋଲିସ ସୂଚନା ଦେଇଛି।

ପ୍ରତ୍ୟକ୍ଷଦର୍ଶୀ ଡାକ୍ତର ପ୍ରଜତ କୁମାର ନାଥଙ୍କ କହିବା ଅନୁସାରେ ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଜଣେ ବନ୍ଧୁଙ୍କ ସହ ସେ କଟକରୁ ବାରଙ୍ଗ ଯାଉଥିବାବେଳେ ବ୍ରିଜ୍‌ଉପରୁ ପ୍ରଥମେ ଜଣେ ମହିଳା ନଦୀକୁ ଡେଇଁବାର ଦେଖିଥିଲେ। ଏହାଦେଖି ସେ ଗାଡ଼ି ଅଟକାଇବାରୁ ସେଠାରେ ଉପସ୍ଥିତ ଅନ୍ୟ ଜଣେ ଯୁବତୀ ମଧ୍ୟ ନଦୀକୁ ଡେଇଁ ପଡ଼ିଥିଲେ। ଡାକ୍ତର ନାଥ ସଙ୍ଗେ ସଙ୍ଗେ ପୋଲିସ ହେଲ୍ ଲାଇନକୁ ଫୋନ କରିବା ସହ ସେହି ବାଟ ଦେଇ ଯାଉଥିବା ଅନ୍ୟମାନଙ୍କୁ ଅଗ୍ନିଶମ ବାହିନୀକୁ ଖବର ଦେବାକୁ କହିଥିଲେ। ଖବରପାଇ ବାରଙ୍ଗ ପୋଲିସ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୨ଘଣ୍ଟାର ଖୋଜାଖୋଜି ପରେ ନଦୀ ମଧ୍ୟରେ ଥିବା ଏକ ଖରି(ବୁଦା) ନିକଟରୁ ଉଭୟ ମା'ଝିଅଙ୍କୁ ଉଦ୍ଧାର କରାଯାଇଥିଲା। ପରେ ସେମାନଙ୍କୁ ବାରଙ୍ଗ ଥାନାକୁ ଆଣି ପଚରାଉଚରା କରିବା ପରେ ପୋଲିସ ଛାଡ଼ି ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବ୍ରିଜ୍ ଉପରେ ସେଲ୍‌ଫି ନେବାବେଳେ ଅସାବଧାନତା ବଶତଃ ତଳେ ପଡ଼ିଯିବା ପରେ ଝିଅ ରକ୍ଷା କରିବାକୁ ଯାଇ ନଦୀକୁ ଡେଇଁପଡ଼ିଥିଲେ ବୋଲି ଉଦ୍ଧାର ହୋଇଥିବା ମହିଳା ଜଣକ କହିଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ପୋଲିସ କହିଛି।



ମା', ଝିଅଙ୍କୁ ଉଦ୍ଧାର କରି ନିଆଯାଉଛି।

# ଶିଶୁକନ୍ୟାଙ୍କୁ ବଳାତ୍କାର, ଯୁବକ ଗିରଫ

ଭୁବନେଶ୍ୱର,୮।୭(ବ୍ୟୁରୋ)

୭ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କନ୍ଧମାଳ ଜିଲାର ଜିତେନ୍ଦ୍ର ମଲ୍ଲିକ। ଚନ୍ଦ୍ରଶେଖରପୁର ମୈତ୍ରୀବିହାର ସାନ୍ତାଳ ବସ୍ତିରେ ରହୁଥିବା ଉକ୍ତ ଶିଶୁକନ୍ୟାଙ୍କ ମାତାପିତା ମଙ୍ଗଳବାର ସକାଳୁ ଝିଅକୁ ଘରେ ଏକୁଟିଆ ଛାଡ଼ି ମୂଲ ଲାଗିବାକୁ ଯାଇଥିଲେ। ଏହି ସମୟରେ ଜିତେନ୍ଦ୍ର ଘର ଭିତରେ ଶିଶୁକନ୍ୟାକୁ ବଳାତ୍କାର କରିବା ପରେ ସେଠାରୁ ଫେରାର ହୋଇଯାଇଥିଲେ। ମାତାପିତାଙ୍କ ଏତଲା ପରେ ପୋଲିସ କେସ୍ ନଂ ୨୩୨/୨୦ ରୁଜୁ କରି ଜିତେନ୍ଦ୍ରଙ୍କୁ ଗିରଫ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ମହିଳା ପୋଲିସଙ୍କୁ ଦୁର୍ବ୍ୟବହାର: ୩ ଗିରଫ

ଭୁବନେଶ୍ୱର,୮।୭ (ବ୍ୟୁରୋ)

ପୋଲିସକୁ ଗାଳିଗୁଲଜ କରିବା ଘଟଣାରେ ଶହୀଦନଗର ଥାନା ପୋଲିସ ୩ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ସମ୍ବଲପୁରର ଅଖିଳେଶ ଯାଦବ, ଭିଏସ୍‌ଏସ୍ ନଗରର ଅମିତ ଧଳ ଓ ବିପ୍ଲବ ପରିଡ଼ା। ଏହି ୩ ଜଣ ମଦ୍ୟପାନ କରି ରୁପାଲି ଛକ ନିକଟସ୍ଥ ପେଟ୍ରୋଲ ପମ୍ପ ପରିସରରେ କେତେକ ଲୋକଙ୍କ ସହ ଝଗଡ଼ା କରିଥିଲେ। ଖବର ପାଇ ଶହୀଦନଗର ଥାନାର ଜଣେ ମହିଳା ଅଧିକାରୀ ସେଠାରେ ପହଞ୍ଚି ଯୁବକମାନଙ୍କୁ ବାରଣ କରିଥିଲେ। ମାତ୍ର ସେମାନେ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ପୋଲିସ ପଚରାଉଚରା ପରେ କେସ୍ ନଂ ୨୮୬/୨୦ରେ ମାମଲା ରୁଜୁ କରି ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରିଛି।

# ଭାର୍ଗବୀ ଖୁରୁଖୁରୀ ସେତୁ ବିପଦପୂର୍ଣ୍ଣ

- ଭୁଶୁଡ଼ିପଡ଼ିଛି ଆପ୍ରୋଚ ରୋଡ ପଥର ପ୍ୟାକିଂ
- ବ୍ରିଜ୍ ଉପରୁ ଉଠିଗଲାଣି ପିଚୁ
- ଅଭିଯୋଗର ବର୍ଷେ ପରେ ବି ମରାମତି ହେଉନି

ପୁରୀ ଅଫିସ,୮।୭

ସତ୍ୟବାଦୀ ଏବଂ ପୁରୀ ସଦର ବ୍ଲକକୁ ଯୋଡୁଥିବା ଭାର୍ଗବୀ ଖୁରୁଖୁରୀ ସେତୁ ଏବେ ବିପଦପୂର୍ଣ୍ଣ। ଏହି ବିଜୁ ସେତୁର ଉଦ୍‌ଘାଟନକୁ ପ୍ରାୟ ଦେଢବର୍ଷ ହେବ। ହେଲେ ଉଦ୍‌ଘାଟନର ମାତ୍ର କେଇମାସ ମଧ୍ୟରେ ଏହାର ଆପ୍ରୋଚ ରୋଡ ପଥର ପ୍ୟାକିଂ ଭୁଶୁଡି ପଡ଼ିଛି। ସତ୍ୟବାଦୀ ବ୍ଲକ ପାର୍ଶ୍ୱ ଆପ୍ରୋଚ ପଥର ପ୍ୟାକିଂ ସମ୍ପୂର୍ଣ୍ଣ ଭାବେ ଭୁଶୁଡି ପଡ଼ିଥିବାବେଳେ ସଦର ବ୍ଲକ ପାର୍ଶ୍ୱ ମଧ୍ୟ ଧସିବା ଅବସ୍ଥାରେ ରହିଛି। ବର୍ତ୍ତମାନ ବର୍ଷା ଋତୁ ଚାଲିଛି, ଯଦି ଏହାର ମରାମତିଦିଗରେ ଦୃଷ୍ଟି ନ ଦିଆଯାଏ ତେବେ ମାଟି ଧୋଇଯାଇ ସଂଯୋଗୀକରଣ ରାସ୍ତା ବ୍ରିଜ୍‌ଠାରୁ ଅଲଗା ହୋଇଯିବାର ସମ୍ଭାବନା ସୃଷ୍ଟି କରିଛି। ଅପରପକ୍ଷରେ ନିମ୍ନମାନର କାମ ଯୋଗୁ ବ୍ରିଜ୍ ଉପରୁ ମଧ୍ୟ ପିଚୁ ଉଠିଗଲାଣି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି।



୨୦୧୧ ଅକ୍ଟୋବର ୭ରେ ସଦର ବ୍ଲକ ଏବଂ ସତ୍ୟବାଦୀ ବ୍ଲକକୁ ଯୋଡ଼ିବା ଲକ୍ଷ୍ୟ ନେଇ ବାଲିପଡ଼ା ପଞ୍ଚାୟତର ବାଙ୍ଗୁରୁବା ଗଦାଧରପୁରଠାରେ ଭାର୍ଗବୀ ନଦୀ ଉପରେ ଭାର୍ଗବୀ ଖୁରୁଖୁରୀ ସେତୁର ଶିଳାନ୍ୟାସ କରାଯାଇଥିଲା। ତତ୍କାଳୀନ ବିଧାୟକ ମହେଶ୍ୱର ମହାନ୍ତି ଓ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଦ୍ୱାରା ବିଜୁ ସେତୁ ଯୋଜନାରେ ଏହାର ଶିଳାନ୍ୟାସ ହୋଇଥିଲା। ୨୧୫ ମିଟର ଲମ୍ବ ଏବଂ ୮.୩୫ ମିଟର ପ୍ରସ୍ଥ ବିଶିଷ୍ଟ ଏହି ସେତୁ ଲୋକାର୍ପିତ ହେଲେ ସଦର ବ୍ଲକ ଏବଂ ସତ୍ୟବାଦୀ ବ୍ଲକର ବିଭିନ୍ନ ଗାଁର ପ୍ରାୟ ୩୦ ହଜାର ଲୋକ ଉପକୃତ ହେବେ ଏବଂ ୨୨ ମାସ ମଧ୍ୟରେ ଏହା ଶେଷ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସେତେବେଳେ କୁହାଯାଇଥିଲା। ଆରମ୍ଭରୁ ଏହାର ଅଟକଳ ମୂଲ୍ୟ ୫କୋଟି ୭୪ ଲକ୍ଷ ଟଙ୍କା ଥିଲା। ହେଲେ ସେତୁ ନିର୍ମାଣ ସମୟରେ ଅଧିକ ୨ଟି ସ୍ଥାନ ନିର୍ମାଣର ଆବଶ୍ୟକତା ପଡିବାରୁ ଏହାର ନିର୍ମାଣ କାର୍ଯ୍ୟ ବିଳମ୍ବ ହେଲା। ଫଳରେ ଏହା ଶେଷ ହେବାକୁ ଦୀର୍ଘ ୮ ବର୍ଷ ଲାଗି ଯାଇଥିଲା। ଏଥିସହ ଅଟକଳ ମୂଲ୍ୟ ବୃଦ୍ଧି ପାଇ ୭କୋଟି ୫୧ ଲକ୍ଷ ୨୫ ହଜାରରେ ପହଞ୍ଚିଥିଲା। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ୨୦୧୭ରେ ସେତୁ ନିର୍ମାଣ ସରିଥିବାବେଳେ ଏହାର ସଂଯୋଗୀକରଣ ରାସ୍ତା ନିର୍ମାଣକୁ ୧ବର୍ଷ ଲାଗିଯାଇଥିଲା। ପରେ ୨୦୧୯ ଜାନୁୟାରୀ ୧୧ତାରିଖରେ ଏହି ସେତୁ ଲୋକାର୍ପିତ ହୋଇଥିଲା। ହେଲେ ସେତୁ ଉଦ୍‌ଘାଟନର ୪ରୁ ୫ମାସ ମଧ୍ୟରେ ଏହାର ଆପ୍ରୋଚ ରୋଡର ପଥର ପ୍ୟାକିଂ ଭୁଶୁଡ଼ି ପଡ଼ିଥିଲା। ସିମେଣ୍ଟ ବାଡ଼ା ଭାଙ୍ଗିଯାଇଥିବାବେଳେ ମାଙ୍କଡ଼ା ପଥର ଧସି ନଦୀକୁ ଖସିପଡ଼ିଛି। ଏନେଇ ସ୍ଥାନୀୟ ଲୋକେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତା'ର ମରାମତି କରାଯାଇ ନାହିଁ।

ତରବରିଆ ଭାବେ ସଂଯୋଗୀକରଣ ରାସ୍ତା ତିଆରି କରାଯାଇଥିବାରୁ ଆପ୍ରୋଚ ପଥର ପ୍ୟାକିଂ ଭୁଶୁଡି ପଡ଼ିଛି। ଗତବର୍ଷ ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ ଏଯାବତ୍ ମରାମତି କରାଯାଇ ନାହିଁ। ବର୍ତ୍ତମାନ ବର୍ଷାଋତୁ ଚାଲିଛି। ଯଦି ବଡ଼ ବର୍ଷା ହୁଏ ତେବେ ମାଟି ଧୋଇ ବ୍ରିଜ୍‌ଠାରୁ ସଂଯୋଗୀକରଣ ରାସ୍ତା ସମ୍ପୂର୍ଣ୍ଣ ଅଲଗା ହୋଇଯିବ। ସେହିପରି ବ୍ରିଜ୍ ଉପରୁ ମଧ୍ୟ ପିଚୁ ଉଠିଗଲାଣି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏଦିଗରେ ଧ୍ୟାନ ଦେଇ ଏହାର ମରାମତି କରିବା ଦରକାର ବୋଲି ବାଲିପଡ଼ା ପଞ୍ଚାୟତ ବାଙ୍ଗୁରୁବା ଗାଁର ସୁରେଶ ଖୁଣ୍ଟିଆ କହିଛନ୍ତି। ଏ ସମ୍ପର୍କରେ ପୁରୀ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓ ଏସ୍.କେ. ଦାଶଙ୍କୁ ପଚାରିବାରୁ ଭାର୍ଗବୀ ଖୁରୁଖୁରୀ ସେତୁର ଆପ୍ରୋଚ ପଥର ପ୍ୟାକିଂ କାମ ପାଇଁ ପ୍ରସ୍ତାବ ଦିଆଯାଇଛି। ମଞ୍ଜୁରୀ ମିଳିବା ପରେ ଏହାର ମରାମତି କରାଯିବ ବୋଲି କହିଛନ୍ତି।

### ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ ଗିରଫ

ରସୁଲପୁର, ୮।୭ (ଡି.ଏନ୍.ଏ.): ରସୁଲପୁର ବ୍ଲକ କୁଆଖିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ଅଭିଯୋଗରେ ପୋଲିସ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ବଂଶଡା ଥାନା ଅଧୀନ ଗୋପୀନାଥପୁର ଗ୍ରାମର ସୁଶାନ୍ତ ମହାରାଜ(୨୩)। ସମ୍ପୃକ୍ତା ଯୁବତୀଙ୍କ ସହ ସୁଶାନ୍ତଙ୍କର ବାହାଘର ପ୍ରସ୍ତାବ ପଡ଼ିଥିଲା। ମାତ୍ର ଝିଅ ଘର ପସନ୍ଦ ନ ହେବାରୁ ସେମାନେ ବାହାଘର ପାଇଁ ମନା କରିଦେଇଥିଲେ। ବିବାହ ପ୍ରସ୍ତାବ ପଡ଼ିଥିବା ବେଳେ ଭଦ୍ରଲୋକ ଜରିଆରେ ପୁଅ ଘରକୁ ଯାଇଥିବା ସମ୍ପୃକ୍ତା ଯୁବତୀଙ୍କ ଫଟୋକୁ ସୁଶାନ୍ତ ଅନ୍ୟ ଜଣେ ଯୁବତୀଙ୍କ ଶରୀର ସହ ଯୋଡ଼ି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ।

# ଅଣନିଃଶ୍ୱାସୀ କରୁଛି ଓଏମ୍‌ସି ଡମ୍ପ

- ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ହାଟସାହି ଗ୍ରାମବାସୀ
- ଡମ୍ପ ସମ୍ପ୍ରସାରଣ, ଖଣି ଖନନ ଓ ବ୍ଲାଷ୍ଟିଂ ବଢ଼ାଉଛି ଦୁର୍ଦ୍ଦଶା
- ୪ ସପ୍ତାହରେ ଜବାବ ଦାଖଲ ନିର୍ଦ୍ଦେଶ

ଯାଜପୁର ଅଫିସ, ୮।୭

ଯାଜପୁର ଜିଲା ସୁକିନ୍ଦା ବ୍ଲକ କାଳିଆପାଣି ପଞ୍ଚାୟତ ଅଧୀନ ହାଟସାହି (ଗୁରୁଜଙ୍ଗପାଳ) ଗ୍ରାମ ପଟକୁ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଦକ୍ଷିଣ କାଳିଆପାଣି ଜବରଦସ୍ତି ତା'ର ଡମ୍ପ ସମ୍ପ୍ରସାରଣ କରିଚାଲିଛି। ଏହାସହ ଖଣି ଖନନ ଓ ବ୍ଲାଷ୍ଟିଂ ଯୋଗୁ ଗ୍ରାମବାସୀ ବହୁ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଣୁ ଉପଯୁକ୍ତ କ୍ଷତିପୂରଣ ସହ ଥଇଥାନ ଦାବିରେ ୧।୭।୨୦୨୦ରେ ହାଟସାହି ଗ୍ରାମର ପାର୍ବତୀ ପାତ୍ରଙ୍କ ସମେତ ଗ୍ରାମର ୨୦୦ଲୋକ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି କ୍ରମରେ ଏନ୍‌ଏଚ୍‌ଆର୍‌ସିରେ ମଙ୍ଗଳବାର ମାମଲା (କେସ୍ ନଂ.-୧୭୩୦/୧୮/୨୪/୨୦୨୦) ରୁଜୁ କରାଯାଇ ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକଙ୍କୁ ଆସନ୍ତା ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଜାରି ହୋଇଛି।

ଖଣି ପ୍ରଭାବିତ ଲୋକଙ୍କ ଦୁଃଖ ସାଙ୍ଗକୁ ଓଏମ୍‌ସି ଖଣି କର୍ତ୍ତୃପକ୍ଷ ଓ ଖଣି ସହ ସମ୍ପୃକ୍ତ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅମାନବୀୟ ବ୍ୟବହାର ହାଟସାହି ଗ୍ରାମବାସୀଙ୍କୁ ଆନ୍ଦୋଳନମୁଖୀ ତଥା ବିଦ୍ରୋହୀ କରିଛି। ଏଭଳି ଅବସ୍ଥା ଯାଜପୁର ଜିଲାର ରତ୍ନଗର୍ଭା ସୁକିନ୍ଦା ଖଣି ଇଲାକାରେ ଦେଖାଯାଇଛି। ବିସ୍ଥାପିତଙ୍କ ଦୁଃଖ ଲାଘବ ପାଇଁ ଖଣି କର୍ତ୍ତୃପକ୍ଷ କି ପ୍ରଶାସନ ଆନ୍ତରିକତା ଦେଖାଉନାହାନ୍ତି। ପ୍ରତିବାଦ କଲେ ଆନ୍ଦୋଳନକାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଧମକ ଦିଆଯାଉଛି।

ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗରେ ଗ୍ରାମବାସୀ ଦର୍ଶାଇଛନ୍ତି, ୬୦ ବର୍ଷ ହେଲା ହାଟସାହି ଗ୍ରାମରେ ସେମାନେ ବସବାସ କରି ଆସୁଛନ୍ତି। ଗ୍ରାମର ଜମି ବାବଦକୁ ସରକାରଙ୍କ ରାଜସ୍ୱ ବିଭାଗକୁ ଖଜଣା ଦେଇ ଆସୁଛନ୍ତି। ଏଥିସହ ସରକାରୀ ସୁବିଧା ପାଇଖାନା ଘର, ଆବାସ ଯୋଜନା, ରାଶନ କାର୍ଡ, ଭତ୍ତା ଆଦି ସୁବିଧା ପାଉଛନ୍ତି। ବର୍ତ୍ତମାନ ସେହି ଗ୍ରାମର ଜମିକୁ ଓଏମ୍‌ସି ଅଧିଗ୍ରହଣ କରି ନ ଥିବା ସତ୍ତ୍ୱେ ତାହାର ଡମ୍ପ ଗ୍ରାମ ପଟକୁ ବଢ଼ାଇ ଚାଲିଛି ଏବଂ ଡି-କ୍ୱାରୀ ଖନନ ସହ ବ୍ଲାଷ୍ଟିଂ କରିଚାଲିଛି। ଗ୍ରାମଠାରୁ ଏହି ଖଣି ଖନନର ଦୂରତା ମାତ୍ର ୭୦ ରୁ ୮୦ ମିଟର ଏବଂ ଡମ୍ପର ଦୂରତା ୩୦ ମିଟର ହେବ। ବ୍ଲାଷ୍ଟିଂ ଯୋଗୁ ଗ୍ରାମରେ ଥିବା ଘରଗୁଡ଼ିକର କାନ୍ଥ ଓ ଛାତ ଫାଟି ଯାଉଛି।


ହାଟସାହି ଗ୍ରାମକୁ ଲାଗି ଓଏମ୍‌ସିର ଡମ୍ପ।

ଖରା ଦିନରେ ଡମ୍ପରୁ ଅତ୍ୟଧିକ ଧୂଳି ଉଡ଼ି ହାଟସାହି ଗ୍ରାମବାସୀଙ୍କୁ ଅଣନିଃଶ୍ୱାସୀ କରୁଛି। ଏହାସହ ଗ୍ରାମବାସୀ ଶ୍ୱାସରୋଗ, କାଶ, ଥଣ୍ଡା ଜ୍ୱର, ଯକ୍ଷ୍ମା, ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବର୍ଷା ଦିନେ ଡମ୍ପରୁ ନିର୍ଗତ ନିକେଲ ମିଶା ପାଣି ଗାଁ ଭିତରକୁ ପ୍ରବେଶ କରୁଛି। ଏହାବାଦ ବେଳେବେଳେ ଡମ୍ପ ଭୁଶୁଡୁଥିବାରୁ ଗୃହପାଳିତ ପଶୁ ଓ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଓଏମ୍‌ସି ଦକ୍ଷିଣ କାଳିଆପାଣି କର୍ତ୍ତୃପକ୍ଷଙ୍କୁ ଏ ନେଇ ବାରମ୍ବାର ଅବଗତ କରାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନେଉନାହାନ୍ତି। ଓଲଟା ବିନା ନୋଟିସ୍ ଏବଂ ବିନା ଥଇଥାନରେ ଗ୍ରାମବାସୀମାନଙ୍କୁ ବିତାଡ଼ିତ କରିବାକୁ ଚାହୁଁଛନ୍ତି। ଏଥିସହ ଓଏମସି ଠିକାସଂସ୍ଥା ଅଧୀନରେ କାମ କରୁଥିବା କେତେଜଣ ଗ୍ରାମବାସୀଙ୍କ ଚାକିରି ଯିବାର ଆଶଙ୍କା ମଧ୍ୟ ଉପୁଜିଛି। ଏଭଳିସ୍ଥିତିରେ ଖଣି ଓ ଡମ୍ପ ସମ୍ପ୍ରସାରଣ କାମ ଜାରି ରହିଲେ ଗ୍ରାମବାସୀ ବାସ ହରାଇବା ସହ ନିଜ ମାଟିରେ ଯାଯାବର ହୋଇଯିବେ ବୋଲି ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଏନ୍‌ଏଚ୍‌ଆର୍‌ସିଙ୍କ ଶୁଣାଣି ଉପରେ ହ୍ୟୁମାନ ରାଇଟ୍ସ ୱାଚ୍‌ର ସଭାପତି ରାଜେଶ ସ୍ୱାଇଁ ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ଯାଜପୁର ରୋଡ ଓଏମ୍‌ସିର ଆଞ୍ଚଳିକ ପରିଚାଳକ, ଯାଜପୁର ଜିଲାପାଳ, ଯାଜପୁର ଏସ୍‌ପି ପ୍ରମୁଖଙ୍କୁ ଜଣାଇଛନ୍ତି। ହାଟସାହି ଗ୍ରାମବାସୀଙ୍କୁ କୌଣସି ପ୍ରକାର ନିର୍ଯାତନା ନ ଦେବାକୁ ସେ ଅନୁରୋଧ କରିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ରୋଡ୍ ଓଏମ୍‌ସି ଆଞ୍ଚଳିକ ପରିଚାଳକ ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ପଚାରିବାରେ ହାଟସାହି ଗ୍ରାମବାସୀ ଥଇଥାନ କରିବାକୁ ଦାବି କରିଛନ୍ତି। ଏ ନେଇ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ମୁଖ୍ୟ କାର୍ଯ୍ୟାଳୟର ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଅଭିନେତା ଜଗଦୀପଙ୍କ ପରଲୋକ

ମୁମ୍ବାଇ,୮।୭: ବଲିଉଡ୍‌ର ଜଣାଶୁଣା ଅଭିନେତା ଜଗଦୀପଙ୍କ ମୁମ୍ବାଇରେ ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ପୂର୍ବରୁ ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ଫିଲ୍ମ 'ଶୋଲେ'ରେ ସୁର୍‌ମା ଭୋପାଲି ଭୂମିକାରେ ସେ ଅଭିନୟ କରି ଦର୍ଶକଙ୍କ ମନ ଜିଣି ପାରିଥିଲେ। 'ଅନ୍ଦାଜ୍ ଆପ୍‌ନା ଆପ୍‌ନା' ଫିଲ୍ମରେ ସେ ସଲ୍‌ମାନ୍ ଖାନ୍‌ଙ୍କ ବାପା ଭୂମିକାରେ ଅଭିନୟ କରି ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଇଥିଲେ। ଦୀର୍ଘ ୫ ଦଶନ୍ଧି ଧରି ସେ ୪୦୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଅଭିନୟ ଲାଗି ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ସହ ଅନେକ ପୁରସ୍କାର ସେ ପାଇଛନ୍ତି। ତାଙ୍କ ପରଲୋକ ପରେ ଫ୍ୟାନ୍‌ମାନେ ସୋସିଆଲ ମିଡିଆରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ତାଙ୍କର ଦୁଇପୁଅ ଜାଭେଦ୍ ଜାଫ୍ରି ଓ ନାଭେଦ୍ ଜାଫ୍ରି ବଲିଉଡ୍‌ର ଜଣାଶୁଣା ଅଭିନେତା।



# ବ୍ୟବସାୟକୁ ଜୀବନ ଦେଇଛି କାଗଜଫୁଲ

- କୋଲକାତାରୁ ଆସିପାରୁନି ଗେଣ୍ଡୁ, ଗୋଲାପ
- ବେଦି, ବର ଗାଡ଼ିରେ ହେଉଛି ସାଜସଜ୍ଜା
- ବାସ୍ନା ନ ଥିଲେ ବି ସାଜିଛି ଏକମାତ୍ର ବିକଳ୍ପ

ବଅଁରପାଳ,୮।୭(ଡି.ଏନ.ଏ.)

ଗଢ଼ିନି ପ୍ରକୃତି। ସୁଗନ୍ଧ ଦେଇନାହାନ୍ତି ଈଶ୍ୱର। ଗେଣ୍ଡୁ ପରି ଗୋଲଗାଲ ନୁହେଁ କି ଗୋଲାପ ଭଳି ଆକର୍ଷଣ ମଧ୍ୟ ନାହିଁ। ତଥାପି ଲକ୍‌ଡାଉନ୍ ଯୋଗୁ ବନ୍ଦ ପଡ଼ିଥିବା ଫୁଲ ବ୍ୟବସାୟକୁ ଜୀବନ ଦେଇଛି ହାତ ତିଆରି କାଗଜଫୁଲ। ଏବେ କଟକଣା ପାଇଁ କୋଲକାତାରୁ ତାଜା ଫୁଲ ଆସିପାରୁ ନ ଥିବା ବେଳେ ଏହି କାଗଜଫୁଲ ହିଁ ବରଗାଡ଼ି ଓ ବେଦି ସାଜସଜ୍ଜାର ଏକମାତ୍ର ବିକଳ୍ପ ସାଜିଥିବା କହିଛନ୍ତି ଅନୁଗୋଳ ଜିଲା ବଅଁରପାଳର ବହୁ ଫୁଲ ବ୍ୟବସାୟୀ।

ବ୍ୟବସାୟୀ ପୀତାମ୍ବର ପ୍ରଧାନ ଓ ଗଙ୍ଗାକୁମାର କହିଛନ୍ତି, ଲକ୍‌ଡାଉନ୍ ପୂର୍ବରୁ ବସିବାକୁ ସମୟ ନ ଥିଲା। ବାହାଘର, ବ୍ରତଘର ଠାରୁ ଆରମ୍ଭ କରି ସଭାସମିତି ଯାଏ ସବୁଠି ଫୁଲର ସାଜସଜ୍ଜା ପାଇଁ ବରାଦ ପରେ ବରାଦ ମିଳୁଥିଲା। କିନ୍ତୁ ମାର୍ଚ୍ଚରୁ କରୋନା କଟକଣା ଲାଗୁ ପରଠାରୁ ବ୍ୟବସାୟ ପୂରା ବନ୍ଦ ହୋଇଯାଇଥିଲା। ପରେ ଦୋକାନ ବଜାର ଖୋଲିବାକୁ ସରକାର ଅନୁମତି ଦେଇଥିଲେ ହେଁ ପୂଜା, ପର୍ବ ଓ ସଭାସମିତି ଉପରେ କଡ଼ା କଟକଣା ଜାରି ରହିଛି। ବଡ଼ ଧରଣର ଆୟୋଜନକୁ ସମ୍ପୂର୍ଣ୍ଣ ମନା ଥିବାବେଳେ ବିବାହ, ବ୍ରତ ଆଦିରେ ଜାକଜମକକୁ ବାରଣ କରାଯାଇଛି। ତେଣୁ ଏସବୁ ମାଙ୍ଗଳିକ କାର୍ଯ୍ୟକୁ ଲୋକେ ଯଥାସମ୍ଭବ ଘୁଞ୍ଚାଇ ଦେଉଛନ୍ତି। କେଉଁଠି କେମିତି ସାଜସଜ୍ଜା କାମଟିଏ ଜୁଟିଲେ ବି ବରାଦ ମୁତାବକ ଫୁଲ ମିଳୁନି। ଓଡ଼ିଶାର ଫୁଲ ବ୍ୟବସାୟୀମାନେ ସାଧାରଣତଃ କୋଲକାତା ମାର୍କେଟ ଉପରେ ନିର୍ଭର କରିଥାନ୍ତି। ସେଠାରୁ ଦୈନିକ ଆସୁଥିବା ସଜଫୁଟା ଗୋଲାପ, ରଜନୀଗନ୍ଧା, ସେବତୀ, ଗେଣ୍ଡୁ ଆଦିର ଚାହିଦା ଏଠାରେ ବହୁ ଅଧିକ। ହେଲେ ଲକ୍‌ଡାଉନ୍ ଯୋଗୁ କୋଲକାତାରୁ ଫୁଲ ଆସିବା କଷ୍ଟକର ହୋଇପଡୁଛି। ଯାହା କିଛି ଗାଡ଼ିରେ ଆସୁଛି ତାହା ଚାହିଦା ପୂରଣ କରିପାରୁନାହିଁ। ବଅଁରପାଳ ବଜାରରେ ୧୦ରୁ ଅଧିକ ଫୁଲ ଦୋକାନୀ ବର୍ଷ ତମାମ ଭଲ ବ୍ୟବସାୟୀ କରୁଥିଲେ। ଗୋଟିଏ ବରଗାଡ଼ି ସଜାଇଲେ ୪ରୁ ୫ ହଜାର ଟଙ୍କା ପାଉଥିଲେ। କିନ୍ତୁ ଏବେ ସେପରି ବାହାଘର ନାହିଁ କି ସାଜସଜ୍ଜା ପାଇଁ ସଜ ଫୁଲ ନାହିଁ। ତେଣୁ କାଗଜ ଓ ପ୍ଲାଷ୍ଟିକ୍ ନିର୍ମିତ ଫୁଲକୁ ବ୍ୟବହାର କରିବାକୁ ପଡୁଛି। ଗେଣ୍ଡୁ, ରଜନୀଗନ୍ଧା ଓ ଗୋଲାପ ପରି ଏହା ସୁବାସିତ ହୋଇ ନ ଥିଲେ ବି ସୌନ୍ଦର୍ଯ୍ୟ ପାଇଁ ବେଦି, ବରଗାଡ଼ିରେ ସଜାଇବାକୁ ପଡୁଛି। ଫଳରେ ଅଧିକ ଅର୍ଥ ମିଳୁ ନ ଥିଲେ ମଧ୍ୟ ଯାହା କିଛି ରୋଜଗାର ହେଉଛି ସେଥିରେ ପରିବାର କଷ୍ଟେମଷ୍ଟେ ଚଳିଯାଉଛି ବୋଲି ଫୁଲ ବ୍ୟବସାୟୀ ପୀତାମ୍ବର ଓ ଗଙ୍ଗାକୁମାର ପ୍ରକାଶ କରିଛନ୍ତି।


କାଗଜଫୁଲରେ ବରଗାଡ଼ି ସାଜସଜ୍ଜା କରାଯାଉଛି।

### ସ୍ୱର୍ଗଦ୍ୱାରରେ କରୋନା କଟକଣା

# ସ୍ୱଳ୍ପ ସମୟ ପାଇଁ ନିଷ୍ପତ୍ତି ଠିକ୍

ପୁରୀ ଅଫିସ,୮।୭

ମହାମାରୀ କରୋନା ସଂକ୍ରମଣ ଏବେ ଦେଶ ତଥା ରାଜ୍ୟରେ ହୁ ହୁ ହୋଇ ମାଡୁଛି। ଗତ କିଛିଦିନ ହେବ ରାଜ୍ୟରେ ପଜିଟିଭ ସଂଖ୍ୟା ଦୈନିକ ପ୍ରାୟ ୫୦୦ ଅତିକ୍ରମ କରୁଛି। ଆଗକୁ ପରିସ୍ଥିତି ମଧ୍ୟ ଆହୁରି ସଙ୍ଗିନ ହୋଇପାରେ। ତେଣୁ ଏହାକୁ ନଜରରେ ରଖି ଜିଲା ପ୍ରଶାସନ ପକ୍ଷରୁ ବୁଧବାରଠାରୁ ସ୍ୱର୍ଗଦ୍ୱାରରେ ବାହାର ଜିଲାର ମୃତଦେହ ଦାହ କ୍ଷେତ୍ରରେ ସାମୟିକ କଟକଣା ଲଗାଯାଇଛି। ବିଶେଷକରି ମୃତଦେହ ଆଣି ଆସୁଥିବା ସମ୍ପର୍କୀୟ ଏବଂ ପୁରୀବାସୀଙ୍କ ଭଲ ନିମନ୍ତେ ଏଭଳି ଏକ କଠୋର ନିଷ୍ପତ୍ତି ନିଆଯାଇଛି। ଏଥିରେ ପ୍ରଶାସନକୁ ସହଯୋଗ କରିବା ପାଇଁ ଜିଲାପାଳ ମଙ୍ଗଳବାର ଅନୁରୋଧ କରିଥିଲେ। ଜିଲା ପ୍ରଶାସନର ନିଷ୍ପତ୍ତି ପରେ ବୁଧବାର ସ୍ୱର୍ଗଦ୍ୱାରରେ କୌଣସି ବାହାର ମୃତଦେହ ଦାହ ହୋଇନାହିଁ। ତେବେ ଏହାକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକେ ଏଭଳି ନିଷ୍ପତ୍ତିକୁ ବିରୋଧ କରିଥିବାବେଳେ ଗବେଷକ, ଐତିହ୍ୟ ବିଶାରଦମାନେ ଏହାକୁ ସ୍ୱାଗତ କରିଛନ୍ତି। କରୋନା ସଂକ୍ରମଣ ନ ବ୍ୟାପିବା ପାଇଁ ସ୍ୱଳ୍ପ ସମୟ ନିମନ୍ତେ ନିଆଯାଇଥିବା ଏହି ନିଷ୍ପତ୍ତି ଠିକ୍ ଅଛି ବୋଲି କହିଛନ୍ତି।

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ ସାମୟିକ ଭାବେ ସ୍ୱର୍ଗଦ୍ୱାରରେ ମୃତଦେହ ସତ୍କାର ପାଇଁ ଯେଉଁ ବାରଣ କରାଯାଇଛି ତାହା ଯଥାର୍ଥ। ସ୍ୱର୍ଗଦ୍ୱାରରେ ମୃତଦେହ ଦାହକଲେ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି କୌଣସି ଶାସ୍ତ୍ରରେ ଉଲ୍ଲେଖ ନାହିଁ। ସ୍ୱର୍ଗଦ୍ୱାରରେ ମରଶରୀର ଦାହ କରିବା ପରମ୍ପରା ନୁହେଁ, ଏହା କେବଳ ବିଶ୍ୱାସ ଉପରେ ପର୍ଯ୍ୟବସିତ। ସ୍ୱର୍ଗଦ୍ୱାର ଦେଇ ଦେବତାମାନେ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କ ଦର୍ଶନ କରିଥାନ୍ତି। ବିଶ୍ୱାସକୁ ନେଇ ଆଗକୁ ବଢ଼ିବାରେ କିଛି ଆପତ୍ତି ନାହିଁ, କିନ୍ତୁ ପରିସ୍ଥିତିକୁ ବି ଧ୍ୟାନ ଦେବା ଦରକାର। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, କରୋନାର ଭୟାବହତାକୁ ଦେଖି ପ୍ରଶାସନ ପକ୍ଷରୁ ସ୍ୱର୍ଗଦ୍ୱାରରେ ଯେଉଁ କଟକଣା ଲଗାଯାଇଛି ତାହା ଠିକ୍ ଅଛି। ଅନ୍ତତଃପକ୍ଷେ ଯଦି କିଛିଦିନ ଆମେ ସତର୍କ ରହିବା କରୋନା ସଂକ୍ରମଣ ଭୟ ରହିବ ନାହିଁ। ସବୁ ମୃତକଙ୍କ କୋଭିଡ୍ ଟେଷ୍ଟ କରାଯାଉ ନାହିଁ କିମ୍ବା ତାଙ୍କୁ ଆଣି ଆସୁଥିବା ସମ୍ପର୍କୀୟଙ୍କର ମଧ୍ୟ କରୋନା ପରୀକ୍ଷା କରାଯାଉନି। ତେଣୁ କାହାଠାରେ କରୋନା ଭୂତାଣୁ ଅଛି କି ନାହିଁ ତାହା ଜାଣିବା କଷ୍ଟକର। ତେଣୁ ସମସ୍ତଙ୍କ ହିତ ପାଇଁ ଜିଲା ପ୍ରଶାସନର ନିଷ୍ପତ୍ତିକୁ ସ୍ୱାଗତ କରିବା ଦରକାର। ସେହିପରି ନେବଳ ଦାସ ମଠ ମହନ୍ତ ଡ. ରାମେଚରଣ ଦାସ ମହାରାଜ କହିଛନ୍ତି, ବର୍ତ୍ତମାନ ଜୀବନକୁ ସୁରକ୍ଷା ଦେବା ହେଉଛି ଆମ ସମସ୍ତଙ୍କ ପାଇଁ ପ୍ରମୁଖ ଚ୍ୟାଲେଞ୍ଜ। ସ୍ୱର୍ଗଦ୍ୱାରରେ ମୃତଦେହ ଦାହ କରିବା କୌଣସି ପରମ୍ପରା ନାହିଁ। ବିଶ୍ୱାସ ଏବଂ ଜନଶ୍ରୁତିକୁ ନେଇ ଏଠାକୁ ମୃତଦେହ ଦାହ ପାଇଁ ଅଣାଯାଇଥାଏ। ବର୍ତ୍ତମାନ ପରିସ୍ଥିତି ଭିନ୍ନ। ତେଣୁ ଏସମୟରେ ସମସ୍ତଙ୍କୁ ଜଗି ରଖି ଚଳିବାକୁ ପଡ଼ିବ। ପୁରୀ ଏକ ଛୋଟ ସହର। କରୋନା ସଂକ୍ରମଣ ବ୍ୟାପିଲେ ପରିସ୍ଥିତି ଭୟଙ୍କର ହୋଇପାରେ। ତେଣୁ ପ୍ରଶାସନର ଏହି ନିଷ୍ପତ୍ତିକୁ ସମସ୍ତେ ମାନିବା ଦରକାର ବୋଲି ଦାସ ମହାରାଜ କହିଛନ୍ତି।

# ଖୋଳତାଡ଼ ଆରମ୍ଭ, ମଗାଗଲା ପୁରୁଣା ଫଟୋ

### ରତ୍ନସିଂହାସନରୁ ପଥର ଉଭାନ ପ୍ରସଙ୍ଗ

ପୁରୀ ଅଫିସ,୮।୭

ଶ୍ରୀମନ୍ଦିର ରତ୍ନସିଂହାସନରୁ ଖଣ୍ଡିଏ ପଥର ଉଭାନ ହେବା ଘଟଣାର ଖୋଳତାଡ଼ ଆରମ୍ଭ ହୋଇଛି। ବୁଧବାର ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର, ମାଧବ ପୂଜାପଣ୍ଡା ଓ ମାଧବ ଚନ୍ଦ୍ର ମହାପାତ୍ରଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଏବଂ ଏଏସ୍‌ଆଇ ଅଧିକାରୀମାନେ ଏହାର ଅନୁଧ୍ୟାନ କରିଛନ୍ତି। ଏଥିପାଇଁ ରତ୍ନସିଂହାସନର ପୁରୁଣା ଫଟୋ ମଗାଯାଇଛି। ଗର୍ଭଗୃହ ମରାମତି ସମୟରେ ଏଏସ୍‌ଆଇ ପକ୍ଷରୁ ଯେଉଁ ଫଟୋ ଉଠାଯାଇଥାଏ ତାହା ମଗାଯାଇଛି। ପୁରୁଣା ଫଟୋ ଏବଂ ବର୍ତ୍ତମାନର ସ୍ଥିତିକୁ ଦେଖିବା ପରେ ଅଭିଯୋଗର ସତ୍ୟାସତ୍ୟ ଜଣାପଡ଼ିବ।

ବୁଧବାର ଅପରାହ୍ଣରେ ପରିଚାଳନା କମିଟିର ୩ ସେବାୟତ ପ୍ରତିନିଧି, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଏବଂ ଏଏସ୍‌ଆଇ ଅଧିକାରୀ ଏହାର ଯାଞ୍ଚ କରିଛନ୍ତି। ୩ଜଣ ସେବାୟତ ଗର୍ଭଗୃହ ଭିତରକୁ ଯାଇ ରତ୍ନସିଂହାସନର ସେହି ସ୍ଥାନ ଅନୁଧ୍ୟାନ କରିଥିଲେ। ତେବେ ଖାଲ ଯୋଗୁ ଏଥର ରଥଯାତ୍ରା ସମୟରେ ସେହି ଜାଗା ମରାମତି ହୋଇଛି। କିନ୍ତୁ ପୂର୍ବରୁ ସେହି ଜାଗା ଫାଙ୍କା ଥିଲା ନା ନାହିଁ ଏବେ ଏମିତି ହୋଇଥିଲା ତାହାର ଅନୁଧ୍ୟାନ ପାଇଁ ଏଏସ୍‌ଆଇଠାରୁ ରତ୍ନସିଂହାସନର ପୁରୁଣା ଫଟୋ ମଗାଯାଇଛି। ଏହି ଫଟୋ ଆସିବା ପରେ ଅଭିଯୋଗର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ନିଷ୍ପତ୍ତି ହୋଇଛି। ଯଦି କେହି ପଥର ଉଭାନ କରିଥିବା ପ୍ରମାଣ ମିଳେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଖୋଳତାଡ଼ ବେଳେ ପରିଚାଳନା କମିଟି ସଦସ୍ୟଙ୍କ ସମେତ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଯନ୍ତ୍ରୀ ଆଶିଷ ସୁବୁଦ୍ଧି, ଶ୍ରୀମନ୍ଦିର କମାଣ୍ଡର ରବି ମିଶ୍ର, ଏଏସ୍‌ଆଇ ବରିଷ୍ଠ ସଂରକ୍ଷଣ ଅଧିକାରୀ ଏସ୍.ଆର. ରାଓ, କନିଷ୍ଠ ସଂରକ୍ଷଣ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ସୂଚନାଥାଉ କି, ସେବାୟତ ଇପ୍‌ସିତ ପ୍ରତିହାରୀ ମଙ୍ଗଳବାର ରତ୍ନସିଂହାସନରୁ ଖଣ୍ଡିଏ ପଥର ଉଭାନ ହୋଇଥିବା ଅଭିଯୋଗ ଆଣିଥିଲେ।



### ପୁଅ ବେକରେ ଭୁଜାଲି ଲଗାଇ ମହିଳାଙ୍କୁ ବଳାତ୍କାର ଉଦ୍ୟମ

ମହାକାଳପଡ଼ା,୮।୭(ଡି.ଏନ୍.ଏ.): ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତରେ ମଙ୍ଗଳବାର ରାତିରେ ୭ ବର୍ଷ ପୁଅ ବେକରେ ଭୁଜାଲି ଲଗାଇ ମା'ଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ଏ ନେଇ ସମ୍ପୃକ୍ତ ମହିଳା ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା (ନଂ.୮୦/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ପଞ୍ଚାୟତର ପିଣ୍ଟୁ ବେହେରା। ପିଣ୍ଟୁ ପ୍ରତିଦିନ ମହିଳାଙ୍କ ଘରକୁ କ୍ଷୀର ନେବାକୁ ଆସନ୍ତି। ମହିଳା ଗାଧୋଉଥିବା ବେଳେ କେହି ନ ଥିବାର ସୁଯୋଗରେ ପିଣ୍ଟୁ ତାଙ୍କ ଅଶ୍ଳୀଳ ଫଟୋ ଉଠାଇ ବ୍ଲାକମେଲ କରୁଥିଲେ। ମଙ୍ଗଳବାର ରାତିରେ ସ୍ୱାମୀ ଘରେ ନ ଥିବା ବେଳେ ପିଣ୍ଟୁ ଘରକୁ ଆସି ପୁଅ ବେକରେ ଭୁଜାଲି ଲଗାଇ ସମ୍ପୃକ୍ତ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ସ୍ୱାମୀ ଘରେ ପହଞ୍ଚି ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ମାତ୍ର ପିଣ୍ଟୁଙ୍କ ଆକ୍ରମଣରେ ସେ ଆହତ ହୋଇଥିଲେ। ଏ ସମ୍ପର୍କରେ ଥାନା ଆଇଆଇସି ମନୋରଞ୍ଜନ ଚୌଧୁରୀ କହିଛନ୍ତି, ପୋଲିସ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି। ଏଥିସହ ପିଣ୍ଟୁଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି।

# ରହସ୍ୟ ଘେରରେ ଆଦିତ୍ୟଙ୍କ ମୃତ୍ୟୁ

- ବୃଦ୍ଧାଶ୍ରମରେ ଜିଆର୍‌ପି ଏସ୍‌ପିଙ୍କ ତଦନ୍ତ
- ଗୁମର ଖୋଲିବ ଆଦିତ୍ୟଙ୍କ ଡାଏରୀ

ଭୁବନେଶ୍ୱର,୮।୭ (ବ୍ୟୁରୋ)

ଯୁବ ସାମାଜିକକର୍ମୀ ତଥା ପ୍ରେରଣାଦାୟୀ ଭାଷଣ ଦେଇ ଅନ୍ୟକୁ ବଞ୍ଚିବାକୁ ରାହା ଦେଖାଉଥିବା ଆଦିତ୍ୟ ଦାସଙ୍କ ମୃତ୍ୟୁକୁ ନେଇ ରହସ୍ୟ ବଢ଼ିବାରେ ଲାଗିଛି। ଏହା ଆତ୍ମହତ୍ୟା ନା ହତ୍ୟା, ମୃତ୍ୟୁ ପଛର କାରଣ ଜାଣିବା ନେଇ ଜିଆରପି ଏସ୍‌ପି ଅଶୋକ କୁମାର ବିଶ୍ୱାଳ, ଡିଏସ୍‌ପି ଚନ୍ଦ୍ରଶେଖର ସାହୁ ବୁଧବାର ତଦନ୍ତ ଆରମ୍ଭ କରିଛନ୍ତି। ଲିଙ୍ଗରାଜ ଷ୍ଟେଶନ ନିକଟବର୍ତ୍ତୀ ମୃତଦେହ ମିଳିଥିବା ଘଟଣାସ୍ଥଳ ପରିଦର୍ଶନ କରିବା ସହ ସାଙ୍ଗସାଥୀ ଓ ପରିବାର ଲୋକ ଓ ବୃଦ୍ଧାଶ୍ରମରେ ଜିଆର୍‌ପି ଏସ୍‌ପି ଓ ଟିମ୍ ପହଞ୍ଚି ପଚରାଉଚରା କରିଛନ୍ତି। ତଦନ୍ତ ସମୟରେ ଆଦିତ୍ୟ ରହୁଥିବା ଘରୁ ପୋଲିସ ଏକ ଡାଏରୀ ଜବତ କରିଛି, ଯାହାକି ତାଙ୍କର ମୃତ୍ୟୁ ପଛର ଅନେକ ଅକୁହା କଥା ସହ ଗୁମର ଖୋଲିବ ବୋଲି ପରିବାର ଲୋକେ କହିଛନ୍ତି। ଉକ୍ତ ଡାଏରୀରେ ଲେଖାଥିବା ହସ୍ତାକ୍ଷର ଏବଂ ବିଭିନ୍ନ ପ୍ରସଙ୍ଗକୁ ନେଇ ଯାଞ୍ଚ କରାଯିବ ବୋଲି ଏସ୍‌ପି କହିଛନ୍ତି। ତେବେ ପ୍ରାଥମିକ ତଦନ୍ତ ଅନୁଯାୟୀ ଆଦିତ୍ୟ ଡିପ୍ରେଶନରେ ଥିବା ଅନୁମାନ କରାଯାଉଛି। ପୂର୍ବଶତ୍ରୁତାକୁ ନେଇ ଯୋଜନାବଦ୍ଧ ଭାବେ ହତ୍ୟା କରି ରେଳଧାରଣାକୁ ଫିଙ୍ଗି ଆତ୍ମହତ୍ୟା ରୂପ ଦିଆଯାଇଛି ଅଥବା କାହାର ଚାପରେ ଆସି ସେ ଆତ୍ମହତ୍ୟା କରିବା ପାଇଁ ବାଧ୍ୟ ହୋଇଛନ୍ତି ସେ ସବୁ ଦିଗକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ସବୁ କିଛି ସ୍ପଷ୍ଟ ହୋଇଯିବ ବୋଲି ଜିଆର୍‌ପି ଏସ୍‌ପି କହିଛନ୍ତି।


ଆଦିତ୍ୟ ଦାସ

### ଶେଷ ଲେଖା

ଆଦିତ୍ୟଙ୍କ ଡାଏରୀରେ କିଛି ଫର୍ଦ୍ଦରେ ଏକ ସୁଇସାଇଡ ନୋଟ ଲେଖାଥିବା ପୋଲିସ ଜାଣିବାକୁ ପାଇଛି। ତେବେ ଏହା ତାଙ୍କର ହାତ ଲେଖା କି ନୁହେଁ ତାହାକୁ ଯାଞ୍ଚ କରାଯିବ ବୋଲି ତଦନ୍ତ କରୁଥିବା ଏସ୍‌ପି କହିଛନ୍ତି। ତାଙ୍କର ବୃଦ୍ଧାଶ୍ରମ ଚଳାଉଥିବା ଭାଇ ମଧ୍ୟ ଉକ୍ତ ଡାଏରୀକୁ ପୋଲିସକୁ ଦେଇଛନ୍ତି। ସେଥିରେ ଆଦିତ୍ୟ ଏହି ଲେଖା ପ୍ରିୟ ବିକାଶ ଓ ପପୁ ଏବଂ ପିପୁଲ ଫର ସେବା(ପିଏଫ୍‌ଏସ୍) ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି। ମୃତ୍ୟୁ ସବୁବେଳେ କୋଉବାଟରେ କାହା ପାଖରେ ପହଞ୍ଚି ଯାଏ କେହି ଜାଣନ୍ତି ନାହିଁ। ଆଜି ଠିକ୍ ସେମିତି ମୋ ପାଖରେ ମୃତ୍ୟୁ ଆସି ଉପସ୍ଥିତ। ବହୁତ ଆଶା ଥିଲା ବୃଦ୍ଧାଶ୍ରମ ପାଇଁ ନିଜର ଗୋଟେ ଘର କରିବି, କିନ୍ତୁ ଭଗବାନ ବୋଧେ ଚାହୁଁ ନ ଥିଲେ। ସେ ଯାହାବି ହେଉ ମୁଁ ଗଲା ପରେ ପପୁ ଆଉ ବିକାଶ ଏବଂ ପିଏଫ୍‌ଏସ୍‌ର ଅନ୍ୟ ସଦସ୍ୟମାନଙ୍କୁ ଆଶ୍ରମର ଦାୟିତ୍ୱ ଲାଗିଲା। ମୁଁ ଚେକ୍‌ରେ ସାଇନ କରିଦେଇଛି ମୁଁ ଯିବା ପରେ ଟଙ୍କା ଉଠାଇ ଆଶ୍ରମ ଚଳାଉଥିବ। ତାପରେ ଲିଗାଲି ସବୁ କାଗଜପତ୍ର ଠିକ୍ କରି ପପୁ ତୁ ଚେୟାରମ୍ୟାନ ଏବଂ ବିକାଶ ତୁ ଟ୍ରେଜରର ରହି ପିଏଫଏସ୍ ଅନୁଷ୍ଠାନକୁ ଚଳାଇବ ବୋଲି ଉକ୍ତ ନୋଟରେ ଲେଖାଯାଇଛି। ମୋର ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି। ବୋଧ ହୁଏ ଏତିକି ଦିନ ହିଁ ମୋର ଆୟୁଷ ଥିଲା। ଏ ଦେଶର ଯୁବକମାନଙ୍କୁ କହିବି ସରକାର ସହ ପଙ୍ଗା ନେବା ପୂର୍ବରୁ ନିଜକୁ ସବୁକ୍ଷେତ୍ରରେ ଷ୍ଟ୍ରଙ୍ଗ କରି ଗଢି ତୋଳ। ନହେଲେ ସେ ତୁମର ବଞ୍ଚିବା ମୁସ୍କିଲ କରିଦେବେ। ଓଡ଼ିଶାରେ ମଦ ବନ୍ଦ ହୋଇଗଲେ ମୋର ଆତ୍ମାକୁ ଚିର ଶାନ୍ତି ମିଳିବ। ଏପରି ଅନେକ କିଛି ଡାଏରୀରେ ଲେଖିଥିବା ଜାଣିବାକୁ ମିଳିଛି।

### ଆଦିତ୍ୟ ପିନ୍ଧିଥିବା ମୁଦି, ବ୍ରେସ୍‌ଲେଟର ପତ୍ତା ମିଳୁନି

ଆଦିତ୍ୟଙ୍କ ମୃତଦେହ ରେଳଧାରଣାରେ ପଡ଼ିଥିବାବେଳେ ତାଙ୍କର ଚପଲ ଏବଂ ସେ ପିନ୍ଧିଥିବା ମୁଦି ଓ ବ୍ରେସ୍‌ଲେଟ ନ ଥିଲା। ଏପରି କି ମୃତଦେହ ନିକଟରୁ ମିଳିଥିବା ଲୁଙ୍ଗି କାହାର, ସେନେଇ ତଦନ୍ତ ହେବା ଆବଶ୍ୟକ ବୋଲି ଓଡିଶା ନାରୀ ସଚେତନ ମଞ୍ଚ ସଭାପତି ମଧୁସ୍ମିତା ରଥ ଓ ସହଯୋଗୀମାନେ ମାଷ୍ଟରକ୍ୟାଣ୍ଟିନସ୍ଥିତ ଜିଆରପି ଥାନାରେ ଏତାଲା ଦେଇଛନ୍ତି। ଅପରପକ୍ଷରେ ଆଦିତ୍ୟଙ୍କ ପ୍ରଶଂସକ ଓ ସମର୍ଥକମାନେ ଏହି ରହସ୍ୟମୟ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ମାତ୍ର ମାସକର ବିବାହ, ସୁଖୀ ଦାମ୍ପତ୍ୟ ଜୀବନ ଥାଇ ବି କାହିଁକି ଏଭଳି ପଦକ୍ଷେପ ନେଲେ ତାହାକୁ ନେଇ ଏବେ ତଦନ୍ତ ଚାଲିଥିବା ବେଳେ ନାନାଦି କଳ୍ପନାଜଳ୍ପନା ପ୍ରକାଶ ପାଇଛି।

### ମଦ ବିରୋଧୀ ଆନ୍ଦୋଳନ ପାଇଁ ଧମକପୂର୍ଣ୍ଣ କଲ୍ ଆସୁଥିଲା

ସୁନ୍ଦରପଦାରେ ଏକ ବୃଦ୍ଧାଶ୍ରମ ଚଳାଉଥବା ଆଦିତ୍ୟଙ୍କ ଜଣେ ଭାଇଙ୍କ କହିବାନୁଯାୟୀ ମଦ ବିରୋଧୀ ଆନ୍ଦୋଳନ ଯୋଗୁ ଆଦିତ୍ୟ ଓ ତାଙ୍କୁ କିଛି ଧମକପୂର୍ଣ୍ଣ ମୋବଇଲ କଲ୍ ଆସୁଥିଲା। ତେଣୁ ସେ ଉକ୍ତ ଘଟଣାକୁ ନିଜ ଡାଏରୀରେ ମଧ୍ୟ ଲିଖିତ ଆକାରରେ ଲେଖିଥିବା କହିଛନ୍ତି। ତେବେ ଆଦିତ୍ୟ ଜନମଙ୍ଗଳ କାର୍ଯ୍ୟ କରୁଥିବାବେଳେ କେଉଁମାନେ ତାଙ୍କୁ ଚାପ ଦେଉଥିଲେ ସମସ୍ତ ଘଟଣା ଉକ୍ତ ଡାଏରୀକୁ ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ସ୍ପଷ୍ଟ ହେବା ସହ ରହସ୍ୟମୟ ମୃତ୍ୟୁ ପଛର ଗୁମର ଖୋଲିବ ବୋଲି ସେ କହିଛନ୍ତି।

### ସତ୍ୟାସତ୍ୟ ସାମ୍ନାକୁ ଆସିବା ଜରୁରୀ

ଆଦିତ୍ୟଙ୍କ ଜଣେ ସହଯୋଗୀ ବିକାଶ କହିଛନ୍ତି, ବିବାହ ପରେ ସେ ବେଶ୍ ଖୁସି ଥିଲେ। ନିଜ ଜାଗାରେ ସେ ବୃଦ୍ଧାଶ୍ରମ ପିତୃମାତୃ ଭବନ କରିବାକୁ ଉତ୍ସୁକ ଥିଲେ। ମାତ୍ର ଅର୍ଥାଭାବ ବୃଦ୍ଧାଶ୍ରମ ପରିଚାଳନା ଓ ଜମି କିଣି ସଂସ୍ଥା କରିବାରେ ଅନେକ ବାଧକ ସାଜିଥିଲା। ଯେଉଁଥିପାଇଁ ଅନେକ ସମୟରେ ବ୍ୟସ୍ତବିବ୍ରତ ରହୁଥିଲେ। ତେବେ ଆଦିତ୍ୟଙ୍କ ଗଭୀର ଆତ୍ମବିଶ୍ୱାସ ଓ ଦୃଢ଼ସଙ୍କଳ୍ପ ଥିବାରୁ ସେ ଆତ୍ମହତ୍ୟା କରିଥିବା ସହଜରେ ଗ୍ରହଣ କରି ହେଉନାହିଁ। ତେଣୁ ପୋଲିସ ଉପଯୁକ୍ତ ତଦନ୍ତ କରି ତାଙ୍କର ମୃତ୍ୟୁ ପାଇଁ କେଉଁମାନେ ଦାୟୀ ତା'ର ସତ୍ୟାସତ୍ୟ ସାମ୍ନାକୁ ଆଣିବା ସମାଜ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ବିକାଶ କହିଛନ୍ତି।

